## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ପରଲୋକ

ଚଣ୍ଡିଖୋଲ, ୨୦।୧୨ (ପ୍ରଦୀପ୍ତ କୁମାର ପୃଷ୍ଟି)



ବଡ଼ଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତ ହରିପୁର ଗ୍ରାମର ସାମାଜିକ କର୍ମୀ ଜୟକୃଷ୍ଣ ସାମଲ(୮୨)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କଂଗ୍ରେସ ନେତା ଅଜୟ କୁମାର ସାମଲ, ବିଜେଡି ନେତା ରାଜନାରାୟଣ ମହାପାତ୍ର, ନିରଞ୍ଜନ ଦଳେଇ, ସଞ୍ଜୟ କୁମାର ରାୟ, ଖବରଦାତା ମହେଶ୍ୱର ବଳ, ଅନନ୍ତ କିଶୋର ଜେନା, ସୁରେଶ ଚନ୍ଦ୍ର ସାହାଣୀ ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯିବା ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପ୍ରିୟବ୍ରତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଚଣ୍ଡିଖୋଲ କୋର୍ଟରେ ନୂତନ ଅତିରିକ୍ତ ଜିଲା ଦୌରାଜଜ୍ ଭାବେ ଗୋପବନ୍ଧୁ ଗଡ଼ନାୟକ ନିଯୁକ୍ତ

ଚଣ୍ଡିଖୋଲ,୨୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲ କୋର୍ଟରେ ନୂତନ ଅତିରିକ୍ତ ଜିଲା ଦୌରାଜଜ(ଏଡିଜେ) ଭାବେ ଗୋପବନ୍ଧୁ ଗଡ଼ନାୟକ ନିଯୁକ୍ତି ପାଇଛନ୍ତି। ଏନେଇ ଶୁକ୍ରବାର ଉଚ୍ଚନ୍ୟାୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଡିଜେ କୋର୍ଟ ଖୋଲିବା ପାଇଁ ହୋଇଥିବା ଦାବିର ବିଚାର କରି ବିଜ୍ଞପ୍ତି ପ୍ରକାଶିତ ହେବାପରେ ଚଣ୍ଡିଖୋଲ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନ ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ ଦାଶ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ସମେତ ଅନ୍ୟ ବିଚାରପତିମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କୋର୍ଟ ଖୋଲିବା ଦ୍ୱାରା ଜିଲା ଦୌରାଜଜଙ୍କ ନିକଟରେ ଥିବା ସମସ୍ତ ମାମଲା ଚଣ୍ଡିଖୋଲ ଅତିରିକ୍ତ ଜିଲାଜଜଙ୍କ ନିକଟରେ ବିଚାର ହେବ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ବସ୍ ଧକ୍କାରେ ମା'ଝିଅ ଗୁରୁତର

ଚଣ୍ଡିଖୋଲ,୨୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ଚାରିନଙ୍ଗଳ ଛକ ନିକଟରେ ଶୁକ୍ରବାର ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ମା ଓ ଝିଅ ଗୁରୁତର ହୋଇଛନ୍ତି। କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିବା ଦ୍ୱିବେଦୀ ନାମକ ବସ ସ୍କୁଟିରେ ଯାଉଥିବା ମା' ଓ ଝିଅଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେମାନେ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରିଥିଲା। ସେମାନଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ ବସ ଓ ସ୍କୁଟିକୁ ଜବତ କରି ତଦନ୍ତ ଚଳାଇଛି।

### କାଏମା ଅଞ୍ଚଳରୁ ପୁଣି ଚୋରି

କାଏମା,୨୦।୧୨(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି। ଗତ କିଛିଦିନ ତଳେ କାଏମା ବନ୍ଧ ପାଖ ବଜାରରେ ଥିବା ଏକ ସୁନା ଦୋକାନରୁ ଚୋରି ହୋଇଥିଲା। ଦୁର୍ବୃତ୍ତ ଗ୍ରୀଲ ଓ ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଗହଣା ଲୁଟ୍ କରିଥିଲେ। ଏହି ଘଟଣାକୁ ମାସେ ନ ପୁରୁଣୁରୁ ସେହି ବଜାରର ପ୍ରଫୁଲ୍ଲ କୁମାର ସାହୁଙ୍କ ଜଳଖିଆ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତ ଟଙ୍କା ବାକ୍ସ ଓ ଅନ୍ୟ ସାମଗ୍ରୀ ଲୁଟ କରିଛନ୍ତି। ପ୍ରଫୁଲ୍ଲଙ୍କ ଘର ବନ୍ଧଡ଼ିଅରେ ହୋଇଥିବାବେଳେ ସେ ସ୍ଥାନୀୟ ଅଞ୍ଚଳରେ ପରିବାର ସହ ଘର ଭଡ଼ା ନେଇ ରୁହନ୍ତି। ଦୋକାନରୁ ଚୋରି ହେବା ଘଟଣା ତାଙ୍କୁ ବହୁ ଆଘାତ ଦେଇଥିବା ସେ କହିଛନ୍ତି।

# ଶିକ୍ଷକ ଅଭାବ | ୧୦ ହାଇସ୍କୁଲରେ ତାଲା ପଡ଼ିବା ଆଶଙ୍କା

ଚଣ୍ଡିଖୋଲ,୨୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)



ବଡ଼ଚଣା ବ୍ଲକ୍ ଅଧୀନ ୧୦ ହାଇସ୍କୁଲରେ ଛାତ୍ରୀଛାତ୍ର ଭରପୂର ଥିବାବେଳେ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ଲାଗିରହିଛି। ଏଥିପାଇଁ ଉକ୍ତ ହାଇସ୍କୁଲ ଗୁଡିକରେ ତାଲା ପଡ଼ିବା ଆଶଙ୍କା ଦେଖାଦେଇଛି। କେଉଁଠି ଗୋଟିଏ ବିଦ୍ୟାଳୟରେ ଜଣେ ଶିକ୍ଷକ ରହିଥିବାବେଳେ ଆଉ କେଉଁଠି ଦୁଇଜଣ ଶିକ୍ଷକରେ ସ୍କୁଲ ଚାଲିଛି। ସେମାନେ ଅବସର ନେବାପରେ ଏହି ସବୁ ସ୍କୁଲରେ ତାଲା ଝୁଲିବା ଆଶଙ୍କା ଦେଖାଦେଇଛି।

ଓଡ଼ିଶାରେ ୬୧୦ଟି ଏଡ୍ଡେ଼ଡ୍ ହାଇସ୍କୁଲ ରହିଛି। ସେଥି ମଧ୍ୟରୁ ବଡ଼ଚଣା ବ୍ଲକରେ ୧୦ ହାଇସ୍କୁଲ ଅଛି। ସେଗୁଡ଼ିକ ମଧ୍ୟରେ ରହିଛି କେଏଚ୍‌ବି ହାଇସ୍କୁଲ କମ୍ପଗଡ଼, ସହଦେବ ବିଦ୍ୟାପୀଠ ଖଡ଼ଗପୁର, କଳ୍ପନାଦେବୀ ବିଦ୍ୟାପୀଠ ଗଜେନ୍ଦ୍ରପୁର, ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ଗୋପାଳପୁର, ପଲେଇ ହାଇସ୍କୁଲ ପଲେଇ, ଜନକଲ୍ୟାଣ ହାଇସ୍କୁଲ ସୁଗୁଡ଼ା, ବନ୍ଦାଳ ହାଇସ୍କୁଲ ବନ୍ଦାଳ, ଭଗବତୀ ବିଦ୍ୟାପୀଠ ସିହା, କାଇମାଟିଆ ହାଇସ୍କୁଲ ପ୍ରମୁଖ । ଏହି ସବୁ ବିଦ୍ୟାଳୟକୁ ୫-ଟି ଅଧୀନରେ ରୂପାନ୍ତରୀକରଣ କରାଯାଇଛି। ହେଲେ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନାହାନ୍ତି। ପଲେଇ ହାଇସ୍କୁଲରେ ଜଣେ ମାତ୍ର ଶିକ୍ଷକ ଡେପୁଟେଶନରେ ଆସି କାର୍ଯ୍ୟ ଚଳାଉଛନ୍ତି। ସେହିପରି କେଏଚ୍‌ବି ହାଇସ୍କୁଲରେ ଜଣେ ମାତ୍ର ଶିକ୍ଷକରେ ବିଦ୍ୟାଳୟ ଚାଲିଛି। କଳ୍ପନା ଦେବୀ ବିଦ୍ୟାନିକେତନରେ ୨ ଶିକ୍ଷକ ଥିବାବେଳେ ସହଦେବ ବିଦ୍ୟାପୀଠରେ ଜଣେ ଶିକ୍ଷକରେ ପାଠପଢ଼ା ହେଉଛି। ରାଜ୍ୟ ସରକାର ଶିକ୍ଷାପ୍ରତି ଗୁରୁତ୍ୱ ଦେଉଥିବାବେଳେ ଏହି ସବୁ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠ ପଢ଼ାରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି। ଏଡ୍ଡେ଼ଡ୍ ହାଇସ୍କୁଲ ହୋଇଥିବାରୁ ସେଠାରେ ନୂତନ ନିଯୁକ୍ତି ଦିଆଯାଉନାହିଁ। ଯେଉଁଥି ପାଇଁ ପିଲାମାନଙ୍କର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ଜଣେଜଣେ ଶିକ୍ଷକ କିଭଳି ଭାବରେ ସବୁ ବିଷୟକୁ ପଢ଼ାଇ ପାରିବେ ତାକୁ ନେଇ ଅଭିଭାବକ ମହଲରେ ଚିନ୍ତାରକାରଣ ପାଲଟିଛି। କେଉଁଠି କେବଳ ହିନ୍ଦୀ ଶିକ୍ଷକ ଅଛନ୍ତି ତ ଆଉ କେଉଁଠି ସଂସ୍କୃତ ଶିକ୍ଷକରେ ସମ୍ପୂର୍ଣ୍ଣ ବିଦ୍ୟାଳୟ ପରିଚାଳନା କରାଯାଉଛି। ତେଣୁ ତୁରନ୍ତ ଏହି ସବୁ ବିଦ୍ୟାଳୟଗୁଡ଼ିକରେ ନୂତନ ଶିକ୍ଷକ ନିଯୁକ୍ତି କରିବା ସହ ପିଲାଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏଭଳିକି ଗୋଟିଏ ଗୋଟିଏ ପଞ୍ଚାୟତରେ ଗୋଟିଏ ହାଇସ୍କୁଲ ଥିବାବେଳେ ସେଠାରେ ଶିକ୍ଷକ ନ ଥିବାରୁ ସମ୍ପୂର୍ଣ୍ଣ ପଞ୍ଚାୟତରୁ ହାଇସ୍କୁଲ ବନ୍ଦ ହୋଇଯିବା ନେଇ ସଂକଟ ଦେଖାଦେଇଛି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ସବିତା ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏ ସମ୍ପର୍କରେ ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ। ସରକାର ଯଦି ସମ୍ପୃକ୍ତ ବିଦ୍ୟାଳୟ ପାଇଁ ଶିକ୍ଷକ ନିଯୁକ୍ତି କରନ୍ତି ତା'ହେଲେ ସମସ୍ୟାର ସମାଧାନ ହୋଇପାରିବ।

## ଭାରତୀୟ ସର୍ଭିସେସ୍ ହ୍ୟାଣ୍ଡବଲ ଦଳରେ ରାକେଶ ନାଥ

ଛତିଆ,୨୦।୧୨(ସୌମ୍ୟରଞ୍ଜନ ସାହୁ)



ଯାଜପୁର ହ୍ୟାଣ୍ଡବଲ ଦଳକୁ ଆଉ ଏକ ସଫଳତା ମିଳିଛି। ଭାରତୀୟ ସର୍ଭିସେସ ଦଳରେ ସ୍ଥାନ ପାଇଛନ୍ତି ରାକେଶ ନାଥ। ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମର ରମାକାନ୍ତ ନାଥଙ୍କ ପୁଅ ରାକେଶ ଯାଜପୁର ହ୍ୟାଣ୍ଡବଲ ଦଳରେ ନିଜର ଉନ୍ନତ ଖେଳ ପ୍ରଦର୍ଶନ କରି ୨୦୧୧ରେ ଗୁଜରାଟର ସାଇ ହଷ୍ଟେଲରେ ସ୍ଥାନ ପାଇ ଖେଳ ଜାରି ରଖିଥିଲେ। ପରେ ଭାରତୀୟ ନୌସେନାରେ ଚାକିରି ପାଇଥିଲେ। ସେ ହ୍ୟାଣ୍ଡବଲରେ ନିଜର ପାରିଦର୍ଶିତା ଦେଖାଇ ଭାରତୀୟ ସର୍ଭିସେସ ଦଳ ତରଫରୁ ଚଳିତ ମାସ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ କେରଳଠାରେ ହେବାକୁ ଥିବା ବରିଷ୍ଠ ବର୍ଗର ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଯାହାକି ଓଡ଼ିଶା ହ୍ୟାଣ୍ଡବଲ ଇତିହାସରେ ସେ ପ୍ରଥମ ଖେଳାଳି ଭାବେ ସର୍ଭିସେସ ଦଳ ପାଇଁ ଖେଳିବେ। ରାକେଶଙ୍କ ଏହି କୃତିତ୍ୱ ପାଇଁ ଯାଜପୁର ହ୍ୟାଣ୍ଡବଲ ଦଳରେ ଖୁସିର ଲହରି ଖେଳିଯାଇଛି। ଜିଲା ହ୍ୟାଣ୍ଡବଲ ଦଳର ସମ୍ପାଦକ ରମେଶ ପୃଷ୍ଟିଙ୍କ ସହ ସମସ୍ତ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ପାଣିକୋଇଲି,୨୦।୧୨(ବିକାଶ ମଲ୍ଲିକ)

ଭୁବନେଶ୍ୱରପୁରସ୍ଥିତ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ତ୍ରିଦିବସୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ଜୟପ୍ରଦା ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଏହି ବିଦ୍ୟାଳୟର ସେ ଛାତ୍ରୀଭାବେ ଗର୍ବିତ ଓ ବିଦ୍ୟାଳୟର ଉନ୍ନତି ଦିଗରେ ସର୍ବଦା ଚେଷ୍ଟିତ ବୋଲି ମତପୋଷଣ କରିଥିଲେ। କୃତୀ ଛାତ୍ରୀଛାତ୍ର ଓ ଶିକ୍ଷକ ଜୟନ୍ତ କୁମାର ଯେନାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଧୀରେଶ କୁମାର ଦାସ, ଦିଲୀପ କୁମାର ସାମଲ ଓ କ୍ରୀଡ଼ା ଶିକ୍ଷକ ଅବିନାଶ ତରାଇ ସଞ୍ଚାଳିତ କରିଥିଲେ। ପ୍ରତିଯୋଗିତା ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଭାକୁଡ଼ରେ ୬ ବଖରା ଜଳିଗଲା

ଚଣ୍ଡିଖୋଲ,୨୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତ ଭାକୁଡ ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଶ୍ୟାମ ମଲିକ, ରାମଚନ୍ଦ୍ର ମଲିକ, ଦାମ ମଲିକ ଓ ଦେବକୀ ମଲିକଙ୍କ ୬ ବଖରା ଛପର ଘର ଜଳି ପାଉଁଶ ହୋଇଯାଇଛି। ଘରର ସମସ୍ତ ଆସବାବପତ୍ର, ସରକାରୀ ଓ ବେସରକାରୀ କାଗଜପତ୍ର ସମେତ ମୋବାଇଲ ଓ ଟଙ୍କା ଇତ୍ୟାଦି ନଷ୍ଟ ହୋଇଯାଇଛି। ରାତି ପ୍ରାୟ ୧ଟାରେ ହଠାତ୍ ନିଆଁ ଲାଗି ଯାଇଥିଲା। ସମସ୍ତେ ଶୋଇଥିବା ଅବସ୍ଥାରେ ନିଆଁ ଲାଗିଯିବାରୁ ଘରୁ କୌଣସି ଜିନିଷ ବାହାରି ପାରି ନ ଥିଲା। ନିଦରୁ ଉଠି ଦେଖିଲା ବେଳକୁ ଘର ହୁତୁ ହୁତୁ ହୋଇ ଜଳୁଥିଲା। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୀର୍ଘ ୪ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ଅଗ୍ନିକାଣ୍ଡର କାରଣ ଜଣା



ଜଳିଯାଇଥିବା ଘର।

ପଡି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟ ସର୍କିଟରୁ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପଞ୍ଚାୟତ କର୍ମୀମାନେ ଶୁକ୍ରବାର ସକାଳେ ବିପନ୍ନଙ୍କ ନିକଟରେ ପହଞ୍ଚି ଶୁଖିଲା ଖାଦ୍ୟ ଓ ବସ୍ତ୍ର ଆଦି ପ୍ରଦାନ କରିଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ତେବେ ସମସ୍ତେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି,୨୦।୧୨(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ପଳସା ଗ୍ରାମର ପଙ୍କଜ କୁମାର ଖଣ୍ଡେଇଙ୍କ ଏକ ବାଇକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ଗୁରୁବାର ଶଙ୍ଖଚିଲା ସତସଙ୍ଗ କେନ୍ଦ୍ରର ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ସେଠାରେ ବାଇକ୍ ରଖି ସତସଙ୍ଗରେ ଯୋଗଦେଇ ଫେରିବା ବେଳକୁ ତାଙ୍କ ବାଇକ ନ ଥିଲା। ବହୁ ଖୋଜାଖୋଜି ପରେ ନ ପାଇବାରୁ ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚଳାଇଛି।

## ରାଜ୍ୟସ୍ତରୀୟ କ୍ରିକେଟ: ଫାଇନାଲରେ ଭୁବନେଶ୍ୱର

ବ୍ରହ୍ମବରଦା,୨୦।୧୨(ଯଯାତି କେଶରୀ ବେହେରା)

ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡିକୁଦ-ନୀଳକଣ୍ଠପୁର ଗ୍ରାମ ସତ୍ୟସାଇ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ ପ୍ରତିଯୋଗିତାରେ ପୁରୀକୁ ହରାଇ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ପୁରୀ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁମନ ମହାପାତ୍ର ୩୨ ରନ କରିଥିଲେ। ବିପକ୍ଷ ଦଳର ବୋଲର ଲକ୍ଷ୍ମୀକାନ୍ତ ବାରିକ ୩ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର କ୍ରିକେଟ ଟିମ ୯.୫ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ କରି ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ୪୨ ରନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ନାୟକ ଅଲରାଉଣ୍ଡର ଭାବେ ସିଦ୍ଧାନ୍ତ ଜେନାଙ୍କୁ ମ୍ୟାନ-ଅଫ-ଦ-ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅମ୍ପାୟାର ଶରତ ଜେନା ଓ ସରୋଜ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଇମ୍ରାନ ଖାନ, ସୁମନ ସାହୁ, ପ୍ରିୟନାଥ ରାଉତ, ଅରୁଣ ପତି ସହଯୋଗ କରିଥିବାବେଳେ ରୋଷନ ସାହୁ ଓ ରାଜା ଜେନା ସ୍କୋରରେ ସହଯୋଗ କରିଥିଲେ। ମନୋଜ ଜେନା, ପ୍ରଭାକର ସାହୁ, ଉତ୍କଳ ଜେନା, ରଞ୍ଜିତ ନାୟକ, ରତିକାନ୍ତ ରାଉତ, ସୁନିଲ ଜେନା, ଦିଲ୍ଲିପ ଜେନା, ସୁକଦେବ ସାହୁ ,ବଳରାମ ସାହୁ, ରାଜେଶ ଜେନାଙ୍କ ସମେତ ସମସ୍ତ ସଭ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଗ୍ରାଣ୍ଡ ଫାଇନାଲ ଭୁବନେଶ୍ୱର ବନାମ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ବିଞ୍ଝାରପୁର ପଞ୍ଚାୟତ ସମିତିର ସାଧାରଣ ବୈଠକ



ବିଞ୍ଝାରପୁର,୨୦।୧୨(ରାମକୃଷ୍ଣ ଦାସ)

ବିଞ୍ଝାରପୁର ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ ଶୁକ୍ରବାର ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥିଭାବେ ଯାଜପୁର ଏମ୍‌ପିଙ୍କ ପ୍ରତିନିଧି ପୁରୁଷୋତ୍ତମ ବେହେରା, ବିଡିଓ ହିତଶେଖର ସାମଲ, ଉପାଧ୍ୟକ୍ଷ ସେକ୍ ଇର୍ସାଦ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ସ୍ଥାନୀୟ ସମସ୍ୟା, କେନ୍ଦ୍ରୀୟ ଅନୁଦାନ ପାଇବାରେ ବିଳମ୍ବ, ବ୍ୟାପକ ଚାରାରୋପଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ସୁଭଦ୍ରା ଯୋଜନାକୁ ନେଇ ବିଷଦ ଆଲୋଚନା ହୋଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଖଗେଶ୍ୱର ମହାନ୍ତି, ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନିତା ନାୟକ ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମା' ହିଙ୍ଗୁଳା କ୍ରିକେଟ: ବାରବାଟୀ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ରସୁଲପୁର,୨୦।୧୨(ରଂଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ସୁଆଁସାହି ଗ୍ରାମର ପାଳଖଳା ଖେଳ ପଡିଆରେ ଚାଲିଥିବା ମା' ହିଙ୍ଗୁଳା କ୍ଲବର ପ୍ରଥମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ବାରବାଟୀ କ୍ରିକେଟ କ୍ଲବ ପ୍ରତିପକ୍ଷ ଗୋପାଳପୁର କ୍ରିକେଟ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପାଗର ପ୍ରତିକୂଳ ପରିବେଶ ସତ୍ତ୍ୱେ ମ୍ୟାଚ୍ ବେଶ ଉତ୍କଣ୍ଠପୂର୍ଣ୍ଣ ହୋଇଥିଲା। ବାରବାଟୀ କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଦଳର ବୋଲରଙ୍କ ପ୍ରଭାବୀ ବୋଲିଂ ଯୋଗୁ ଗୋପାଳପୁର ଦଳ ୭୮ରନ୍‌ରେ ସୀମିତ ରହିଥିଲା। ବାରବାଟୀ କ୍ରିକେଟ ଦଳର ବ୍ୟାଟସ୍‌ମ୍ୟାନମାନଙ୍କୁ ଜିତିବା ପାଇଁ ଶେଷ ବଲ ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡିଥିଲା। ଶେଷ ବଲରେ ଜିତିବାକୁ ୬ରନ୍ ଆବଶ୍ୟକ ପଡୁଥିବାବେଳେ ଦଳର ଶେଷ ବ୍ୟାଟସ୍‌ମ୍ୟାନ ଛକା ମାରି ଦଳକୁ ଜିତାଇଥିଲେ। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦାସ, ଯାଦବ ସଂଘ ନେତା ଶଶିଭୂଷଣ ପରିଡ଼ା, ଯୁବନେତା ମନୋଜ କୁମାର ରାଉତ, ଚନ୍ଦ୍ରଶେଖର ସାମଲ ପ୍ରମୁଖ ଯୋଗଦେଇ ରନର୍ସଅପ ଓ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବାରବାଟୀ ଦଳର ଅଧିନାୟକ ସରୋଜ ମଲିକ ଉନ୍ନତଖେଳ ପ୍ରଦର୍ଶନକରି ମ୍ୟାନ୍‌ଅଫ ଦି ଟୁର୍ନାମେଣ୍ଟ ଭାବରେ ପୁରସ୍କୃତ ହୋଇଥିଲେ। ଗୋପାଳପୁର ଦଳର ଖେଳାଳି ରାଜକୁମାର ମିଶ୍ର ଶ୍ରେଷ୍ଠବୋଲର, ବାରବାଟୀ ଦଳର ଅମରେଶ ପଣ୍ଡା ମ୍ୟାନ ଅଫ ଦି ମ୍ୟାଚ୍ ଭାବରେ ପୁରସ୍କୃତ ହୋଇଥିଲେ। ରଶ୍ମିରଞ୍ଜନ ପରିଡା ଓ ଅଶୋକ ବେହେରା ଖେଳକୁ ପରିଚାଳନା କରିଥିଲେ। ମା' ହିଙ୍ଗୁଳା କ୍ଲବର କାର୍ଯ୍ୟକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ସର୍ତ୍ତମୂଳକ ମତ ରଖିଲେ ପ୍ରଭାବିତ ଗ୍ରାମବାସୀ

**ଏନ୍‌ଆଇଏନ୍‌ଏଲ୍ ସମ୍ପ୍ରସାରଣ ପାଇଁ ଜନଶୁଣାଣି ସମ୍ପନ୍ନ**

**■ସ୍ଥାନୀୟ ନିଯୁକ୍ତି, ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଦାବିରେ ହୋହଲ୍ଲା**

ଯାଜପୁର/କଳିଙ୍ଗନଗର ୨୦।୧୨
(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ)

ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ର ସମ୍ପ୍ରସାରଣ ପ୍ରସ୍ତାବରେ ପରିବେଶଗତ ମଞ୍ଜୁରୀ ପାଇଁ ଶୁକ୍ରବାର ପଙ୍କପାଳ ଯାଜପୁର କ୍ଲଷ୍ଟର ଡେଭଲପମେଣ୍ଟ ଅଥରିଟି (ଜେସିଡିଏ) ପରିସରରେ ଜନଶୁଣାଣି ସମ୍ପନ୍ନ ହୋଇଛି। ପ୍ରସ୍ତାବିତ ସମ୍ପ୍ରସାରଣକୁ କେତେଜଣ ପ୍ରଭାବିତ ଗ୍ରାମବାସୀ ଓ ବିସ୍ଥାପିତ ବିରୋଧ କରିଥିବାବେଳେ ଅନ୍ୟ କେତେଜଣ ସର୍ତ୍ତମୂଳକ ସମର୍ଥନ କରିଥିବା ଦେଖିବାକୁ ମିଳିଛି। ଏପରିକି କେତେଜଣ ଅସନ୍ତୁଷ୍ଟ ଶୁଣାଣି ସମୟରେ ଚୌକି ଫୋପାଡ଼ି ହୋହଲ୍ଲା କରିଥିଲେ। ସ୍ଥାନୀୟ ନିଯୁକ୍ତି, ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ, ପ୍ରଦୂଷଣ ନିୟନ୍ତ୍ରଣ, ବିସ୍ଥାପିତମାନଙ୍କ ବିଭିନ୍ନ ଅସମାହିତ ସମସ୍ୟାର ସମାଧାନ ଆଦି ପୂରଣ ନ



ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀ।

କରିବା ପର୍ଯ୍ୟନ୍ତ ଜନଶୁଣାଣିକୁ ବିରୋଧ କରାଯିବ ବୋଲି ବିଭିନ୍ନ ସଂଗଠନର ସଭ୍ୟେ ଓ ରାଜନୈତିକ ବ୍ୟକ୍ତି ମତ ରଖିଥିଲେ। ଜନଶୁଣାଣିର ଅଧ୍ୟକ୍ଷ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ, ଜନପ୍ରତିନିଧି, ସ୍ଥାନୀୟ ଅଧିବାସୀମାନେ ସାମିଲ ହୋଇଥିଲେ। ଏନ୍‌ଆଇଏନ୍‌ଏଲ୍ ସିଏଫ୍‌ଓ ସଞ୍ଜୀବ କୁମାର ଘୋଷ ଜନଶୁଣାଣି ଆରମ୍ଭରୁ କାରଖାନା ସମ୍ପ୍ରସାରଣ ସମ୍ପର୍କରେ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକଙ୍କ ମତାମତ ଶୁଣିବା ପରେ ଏନ୍‌ଆଇଏନ୍‌ଏଲ୍ ଏମ୍‌ଡି ତଥା ସିଇଓ ସୁଧୀର କୁମାର ମେହତା ତାଙ୍କ ମନ୍ତବ୍ୟ ରଖିଥିଲେ।

କାରଖାନାରେ ଉପଲବ୍ଧ ଉତ୍ପାଦନ କ୍ଷମତା ୦.୯୮୧ ଏମ୍‌ଟିପିଏରୁ ୯.୫ ଏମ୍‌ଟିପିଏ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଏନ୍‌ଆଇଏନ୍‌ଏଲ୍‌ର ସମ୍ପ୍ରସାରଣ ପ୍ରସ୍ତାବ ରଖିଛି। ଏହି ଆଭ୍ୟନ୍ତରୀଣ କାରଖାନା ସମ୍ପ୍ରସାରଣ ପାଇଁ କୌଣସି ଅତିରିକ୍ତ ଜମିର ଆବଶ୍ୟକତା ନାହିଁ। ଆଗାମୀ କିଛି ବର୍ଷ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହି ସମ୍ପ୍ରସାରଣ କରାଯିବ। ଏଥିରେ କଞ୍ଚାମାଲ ପରିଚାଳନା, କୋକ୍ ପ୍ଲାଣ୍ଟ, ସିଣ୍ଟର ପ୍ଲାଣ୍ଟ, ବ୍ଲାଷ୍ଟ ଫର୍ନେସ, ଷ୍ଟିଲ ମେଲ୍‌ଟିଂ ଶପ୍ ଏବଂ ରିବାର ଓ ଓ୍ୱାୟାର ରଡ୍ ମିଲ୍ ଆଦି ରହିବ। ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ ଲିମିଟେଡ୍ ଜୁଲାଇ ୨୦୨୨ରେ ଏନ୍‌ଆଇଏନ୍‌ଏଲ୍‌କୁ ଅଧିଗ୍ରହଣ କରିଥିଲା। ଅଧିଗ୍ରହଣର ୧୦୦ ଦିନ ମଧ୍ୟରେ କାରଖାନା କାର୍ଯ୍ୟକ୍ଷମ ହୋଇଥିଲା। ୯ ମାସ ମଧ୍ୟରେ ଡିଜାଇନ କ୍ଷମତା ବୃଦ୍ଧି କରାଯାଇଥିଲା। କାରଖାନା ଆରମ୍ଭ କରିବା ପୂର୍ବରୁ ସମସ୍ତ ପରିବେଶ ଉପକରଣର ପୁନରୁଦ୍ଧାର ସାଙ୍ଗକୁ କାର୍ଯ୍ୟକ୍ଷମ କରାଯାଇଛି। ସେହିପରି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ମେଶିନ ସ୍ଥାପନ ଦ୍ୱାରା ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ବାୟୁ ଏବଂ ଷ୍ଟେକ୍ ନିର୍ଗମନର ଗୁଣବତ୍ତା ମନିଟରିଂ ପାଇଁ ଅନ୍‌ଲାଇନ୍ ସିଷ୍ଟମ୍ ପ୍ରଦାନ କରାଯାଇଛି। ସେହିପରି କୋକ୍ ଏବଂ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି)ର କାର୍ଯ୍ୟଦକ୍ଷତା ଏବଂ ପ୍ଲାଣ୍ଟ ପରିସରରୁ ଜଳ ନିଷ୍କାସନର ରିୟଲ ଟାଇମ୍ ଭିତ୍ତିରେ ତଦାରଖ ପାଇଁ ଏଫ୍ଲୁଏଣ୍ଟ କ୍ୱାଲିଟି ମନିଟରିଂ ସିଷ୍ଟମ (ଇକ୍ୟୁଏମ୍‌ଏସ୍) ସ୍ଥାପନ କରାଯାଇଛି। ଏହାଛଡ଼ା କାରଖାନା ବାହାରକୁ ଜିରୋ ଏଫ୍ଲୁଏଣ୍ଟ ଡିସ୍‌ଚାର୍ଜ(ଜେଡଡି), ବ୍ଲାଷ୍ଟ ଫର୍ନେସ ଏବଂ ଏସ୍‌ଏମ୍‌ଏସ୍ ଫ୍ୟୁମ୍ ଏକ୍ସଟ୍ରାକ୍ସନ ସିଷ୍ଟମ ଇତ୍ୟାଦି ସ୍ଥାପନ କରିବାକୁ କମ୍ପାନୀ ଯୋଜନା କରୁଛି, ଯଦ୍ୱାରା କାରଖାନା ଏବଂ ଏହାର ଆଖପାଖ ପରିବେଶ ସ୍ୱଚ୍ଛ ଓ ନିର୍ମଳ ରହିବ ବୋଲି ଟାଟା ଷ୍ଟିଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ୍ ସିଏସ୍‌ଆର୍ କାର୍ଯ୍ୟକଳାପକୁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଜନଶୁଣାଣିରେ ସୂଚନା ଦିଆଯାଇଥିଲା।

# ଟ୍ରଲର ଡ୍ରାଇଭର, ମତ୍ସ୍ୟଜୀବୀଙ୍କ ଘରୁ ହଟୁନି ଭିଏଚ୍ଏଫ୍ ଟାୱାର

ମହାକାଳପଡ଼ା, ୨୦।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥାରେ ଅଲିଭ ରିଡ୍ଲେ କଇଁଛଙ୍କ ପାଇଁ ସାମୁଦ୍ରିକ ଅଭୟାରଣ୍ୟକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। କଇଁଛଙ୍କ ପାଇଁ ୨୦୨୪ ନଭେମ୍ବର ୧ରୁ ୨୦୨୫ ମେ ପର୍ଯ୍ୟନ୍ତ ଟ୍ରଲର, ଡଙ୍ଗା, ବୋଟରେ ମାଛଧରା ଉପରେ କଟକଣା ଜାରି କରାଯାଇଛି। ହେଲେ ବ୍ଲକ ଅଧୀନ ତନ୍ତିଆପାଳ, ରଟପଙ୍କ, ଶାସନପେଟା, ନରସିଂହପୁର ଓ ସୁନୀତି ଗାଁରେ କେତେଜଣ ଟ୍ରଲର ଡ୍ରାଇଭର, ମତ୍ସ୍ୟଜୀବୀଙ୍କ ଘରେ ୨୦ରୁ ଊର୍ଦ୍ଧ୍ୱ ବାଉଁଶରେ ଭିଏଚ୍ଏଫ୍ (ଭେରି ହାଇ ଫ୍ରିକ୍ୱେନ୍ସି ରେଡିଓ ଟ୍ରାନ୍ସିଷ୍ଟର) ଟାୱାର ଲାଗିଛି। ଏହା ମାଧ୍ୟମରେ ସମୁଦ୍ରରେ ମାଛ ଧରୁଥିବା ଡ୍ରାଇଭର ଓ ମତ୍ସ୍ୟଜୀବୀଙ୍କୁ ଗୁପ୍ତରେ ବାର୍ତ୍ତା ଦିଆଯାଉଛି। ଏ ସମ୍ପର୍କରେ ଧରିତ୍ରୀରେ ଅଲିଭ ରିଡ୍ଲେ କଇଁଛଙ୍କୁ ବାଉଁଶ ଟାୱାର ବିପଦ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହା ପରେ ବନ ବିଭାଗ ପକ୍ଷରୁ କେବଳ ମାମଲା ରୁଜୁ ହୋଇଛି। ହେଲେ ଉପରୋକ୍ତ ଗାଁର ଟ୍ରଲର ଡ୍ରାଇଭର ଓ ମତ୍ସ୍ୟଜୀବୀଙ୍କ ଘର ଛାତ ଉପରେ ଲାଗିଥିବା ଟାୱାରକୁ ହଟାଯାଉନାହିଁ, ଯାହାକି ଆଭ୍ୟନ୍ତରୀଣ ଉପକୂଳ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏମାନେ ବେଆଇନ ଭାବେ ଯନ୍ତ୍ର ବସାଇ ଗଭୀର ସମୁଦ୍ରରେ ଟ୍ରଲରରେ ମାଛ ଧରିବାବେଳେ ଡ୍ରାଇଭରଙ୍କ ଘରୁ ଗୁପ୍ତରେ କଲ୍ ଯାଉଛି। ଫଳରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ବନ ବିଭାଗର ପାଟ୍ରୋଲିଂ ଟିମ୍ ଯିବା ପୂର୍ବରୁ ଗଭୀର ସମୁଦ୍ରରେ ଟ୍ରଲର ସହ ଡ୍ରାଇଭର ଓ ମତ୍ସ୍ୟଜୀବୀ ନିଷିଦ୍ଧାଞ୍ଚଳ ଛାଡ଼ି ପଳାଉଛନ୍ତି। ଏଥିଯୋଗୁ ବନ ବିଭାଗ ପାଟ୍ରୋଲିଂ ଟିମ୍ ଖାଲି ହାତରେ ଫେରିବାକୁ ବାଧ ହେଉଛି।

ତନ୍ତିଆପାଳ ଶାସନ ପେଟା ଅଞ୍ଚଳର ପାରମ୍ପରିକ ମତ୍ସ୍ୟଜୀବୀ ଶଶାଙ୍କ କୁମାର ମଣ୍ଡଳ କହିଛନ୍ତି, ଆମେ ଛୋଟ ଛୋଟ ଡିଙ୍ଗି ନେଇ ସମୁଦ୍ରରୁ ମାଛ ଧରି ଜୀବିକା



ତନ୍ତିଆପାଳ ଗାଁରେ ବେଆଇନ ଭାବେ ବାଉଁଶରେ ଭିଏଚ୍ଏଫ୍ ଟାୱାର ଝୁଲୁଛି।

### ଅଲିଭ ରିଡ୍ଲେଙ୍କୁ ବାଉଁଶ ଟାୱାର ବିପଦ ଘଟଣା

ନିର୍ବାହ କରୁଥିଲେ ମଧ୍ୟ ବନ ବିଭାଗ ଆମକୁ ଧରି ଆଖି ଦେଖାଉଛି। ଟ୍ରଲର ମାଲିକମାନେ ଟ୍ରଲରରେ ନିୟୋଜିତ ଡ୍ରାଇଭର ଓ ମତ୍ସ୍ୟଜୀବୀମାନଙ୍କ ଘରେ ଭିଏଚ୍ଏଫ୍ ଟାୱାର ସ୍ଥାପନ କରିଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି। ସେହିପରି ଟାୱାରଗୁଡ଼ିକ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଚାଲୁଥିବା ବେଳେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ବନ ବିଭାଗ, ତନ୍ତିଆପାଳ ସାମୁଦ୍ରିକ ଥାନା, ଜିଲା ପୋଲିସ, ଗୋଇନ୍ଦା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଫଳରେ ବାଲେଶ୍ୱର, ବଳରାମଗଡ଼ି, ଭଦ୍ରକ, ଧାମରା, କଷାଫଳ, ଦୀଘା, ପଶ୍ଚିମବଙ୍ଗ ଅଞ୍ଚଳର ମାଲିକଙ୍କର ଶହ ଶହ ଟ୍ରଲର ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଦବଦବା ଜାହିର କରିବାରେ ସକ୍ଷମ ହୋଇଛନ୍ତି। ଫଳରେ ସେମାନେ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରୁ ମୂଲ୍ୟବାନ ମାଛ ଧରି ମାଲାମାଲ୍ ହେଉଥିବା କୁହାଯାଇଛି। ଏହି ଭିଏଚ୍ଏଫ୍ ମୂଲ୍ୟ ୪୦ରୁ ୫୦ ହଜାର ଟଙ୍କା ରହିଛି ବୋଲି ନିଜର ନାମ ଗୋପନ ରଖିବା ସର୍ତ୍ତରେ ସ୍ଥାନୀୟ ଜଣେ ମତ୍ସ୍ୟଜୀବୀ କହିଛନ୍ତି। କୂଳଠାରୁ ୫୦ ନଟିକାଲ ମାଇଲ ପର୍ଯ୍ୟନ୍ତ ଗଭୀର ସମୁଦ୍ରରେ ଟ୍ରଲର ମାଛ ଧରିବା ବେଳେ ଏହି ଟାୱାରରୁ ଆଗୁଆ ସୂଚନା ଯାଉଛି। ଟ୍ରଲର ମାଡ଼ ଓ ଗାଞ୍ଜି ଜାଲରେ ପଡ଼ି ଅକାଳରେ ଅଲିଭ ରିଡଲେ କଇଁଛମାନଙ୍କ ଜୀବନ ଯାଉଛି। ଫଳରେ କଇଁଛଙ୍କ ମୃତଦେହ ବେଳାଭୂମିରେ ଦେଖିବାକୁ ମିଳୁଛି। ଏହି ମଲା କଇଁଛ କୁକୁର, ବିଲୁଆ, କାଉଙ୍କ ଆହାର ପାଲଟିଛି। ସେହିପରି ଗହୀରମଥା ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କ ବଦଳି ପରେ ସହକାରୀ ବନସଂରକ୍ଷକ ତଥା ଭିତରକନିକା ରେଞ୍ଜ ଅଧିକାରୀ ମାନସ କୁମାର ଦାସ ଶୁକ୍ରବାର ଅପରାହ୍ନରେ (ଭାରପ୍ରାପ୍ତ ଭାବେ) ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ଭିଏଚ୍ଏଫ୍ ଟାୱାର ସ୍ଥାପନ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶିତ ପରେ ଜିଲା ପ୍ରଶାସନ ଅବଗତ ହୋଇଛି। ଏ ନେଇ ଏକ ମାମଲା ପଞ୍ଜୀକୃତ ହୋଇଛି। ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଶୁକ୍ରବାର ରାତିରେ ତନ୍ତିଆପାଳ ଗାଁର ଜଣେ ବ୍ୟକ୍ତିଙ୍କ ଘର ଉପରେ ଲାଗିଥିବା ଭିଏଚ୍ଏଫ ମେଶିନ୍‌କୁ ତନ୍ତିଆପାଳ ସାମୁଦ୍ରିକ ଥାନା ଏଏସ୍ଆଇ ଲକ୍ଷ୍ମଣ ମିଶ୍ର ଜବତ କରିଥିବା କହିଛନ୍ତି।

# ଲଘୁଚାପ ବର୍ଷାକୁ ନେଇ ଚିନ୍ତାରେ ଚାଷୀ



ବିଲରେ ପଡ଼ି ରହିଛି ଧାନ।

ରାଜକନିକା, ୨୦।୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ୨୯ଟି ପଞ୍ଚାୟତର ଚାଷୀମାନେ ଧାନ ବିଲରେ ସୁନା ଫସଲ କାଟି ଘରକୁ ଆଣିଥାନ୍ତେ। ବର୍ଷକର ଏହି ଆୟରେ ପରିବାର ପ୍ରତିପୋଷଣ କରିବା ସହ ପିଲାଛୁଆଙ୍କ ପାଠପଢ଼ା ଓ ମେଡିକାଲ ଭଳି ବିଭିନ୍ନ ଖର୍ଚ୍ଚ କରିଥାଏ। ହେଲେ ଲଘୁଚାପ ଜନିତ ବର୍ଷା ଧାନ ଚାଷୀଙ୍କ ଚିନ୍ତା ବଢ଼ାଇଛି। ବିଲରେ ପାଚିଲା ଧାନ ଅମଳ ଅପେକ୍ଷାରେ ରହିଛି। କେତେଜଣ ଚାଷୀ ଆଗୁଆ ଧାନ ପାଚି ଯାଇଥିବାରୁ କାଟି ବିଲରେ ପକାଇଛନ୍ତି। କେତେଜଣ ଚାଷୀ ମେଶିନ ସାହାଯ୍ୟରେ କାଟି ଧାନ ବସ୍ତା କରି ଖଳାରେ ରଖିଛନ୍ତି। ଶୁକ୍ରବାର ବର୍ଷାକୁ ଦେଖି ଚାଷୀଙ୍କ ନିଦ ହଜିଯାଇଛି। ଧାର କରଜ କରି କିଏ କେମିତି ଚାଷ କରିଥିଲେ। ଭାବିଥିଲେ ଧାନ ଅମଳ ପରେ ଋଣ ଶୁଝି ଦେବେ ଓ ବର୍ଷକ ପାଇଁ ଦାନା ଯୋଗାଡ଼ କରିବେ। ହେଲେ ସବୁ ସ୍ୱପ୍ନକୁ ବର୍ଷା ଛଡ଼ାଇ ନେଇଛି। କେହି କେହି ବର୍ଷା ସମ୍ଭାବନାକୁ ଲକ୍ଷ୍ୟକରି ଆଗୁଆ ମେଶିନ ଲଗାଇ ଧାନ ଅମଳ କରି ଖଳାକୁ ଆଣିଛନ୍ତି। କାହାର କଟଡ଼ା ଓ କଳେଇ ବିଲରେ ପଡ଼ିଥିବା ଦେଖିବାକୁ ମିଳିଛି। କେନ୍ଦ୍ରପାଡ଼ା ଜିଲାରେ ଧାନ ମଣ୍ଡି ଆସନ୍ତା ଜାନୁଆରୀ ୧୦ରେ ଖୋଲିବ। ଲଘୁଚାପ ଜନିତ ବର୍ଷା ଯଦି ଲାଗିରୁହେ, ଅମଳ ନଷ୍ଟ ହୋଇ ବ୍ୟାପକ କ୍ଷତି ହେବାର ଆଶଙ୍କା ଚାଷୀ କରିଛନ୍ତି। ଅନ୍ୟପକ୍ଷେ ଧାନ ଅମଳ କରି ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି। ଏହି ଲଘୁଚାପ ଜନିତ ବର୍ଷା ଧାନ ସହ ପନିପରିବା ଚାଷ ଉପରେ ପ୍ରଭାବ ପକାଇବ ବୋଲି ଚାଷୀମାନେ କହିଛନ୍ତି।

# ସ୍କୁଲ ପିଲାଙ୍କୁ ସ୍ମାର୍ଟ ବୋର୍ଡ ଦେଲେ ବୃଦ୍ଧ

ପାରାଦୀପ, ୨୦।୧୨ (ଶରତ ରାଉତ)

ସ୍ତ୍ରୀଙ୍କ ସ୍ମୃତିରେ ସାମାଜିକ କାର୍ଯ୍ୟ କରି ପ୍ରାୟ ୨କୋଟି ଟଙ୍କା ଖର୍ଚ୍ଚ କରିସାରିଲେଣି ଜଣେ ବୃଦ୍ଧ। ସେ ହେଲେ ହୃଷୀକେଶ ମିଶ୍ର (୮୨)। ଘର କଟକ ଜିଲା ବଡ଼ମ୍ବା ଅଞ୍ଚଳରେ। ସେ ହେଲେ ୧୯୭୦ ଦଶକର ଏନ୍ଆଇଟି ଗ୍ରାଜୁଏଟ୍। ଏହି ଉଚ୍ଚଶିକ୍ଷିତ ବୃଦ୍ଧ ଜଣକ ଏବେବି ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ମାତ୍ର ଏହି ଅର୍ଥ ସ୍କୁଲ ପିଲାଙ୍କ ଦକ୍ଷତା ବିକାଶ, ଗରିବ ଝିଅଙ୍କୁ ବିବାହ କରାଇବା, ମହିଳା ସଶକ୍ତୀକରଣ ଆଦିରେ ଖର୍ଚ୍ଚ କରିଦେଉଛନ୍ତି। ଏମିତି ସେ ଗତ ୨୪ ବର୍ଷ ହେଲା କରିଆସୁଛନ୍ତି। ଶୁକ୍ରବାର ମିଶ୍ର ପାରାଦୀପର ବାଲିଝରା ବସ୍ତିରେ ଥିବା ଦୁଇଟି ସ୍କୁଲରେ ୨ଟି ସ୍ମାର୍ଟ କ୍ଲାସ ବୋର୍ଡ ଦେଇଛନ୍ତି। ସେହି ସ୍କୁଲ ହେଲା

### ସ୍ତ୍ରୀଙ୍କ ସ୍ମୃତିରେ ଦାତବ୍ୟ ସେବା

ଗଣପତି ଶିଶୁ ବିଦ୍ୟାମନ୍ଦିର ଓ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। ଏବେ ମିଶ୍ର ପିପିଏଲ୍ କମ୍ପାନୀରେ କେତେକ ବୈଷୟିକ ଜ୍ଞାନ ପାଇଁ ପ୍ରଶିକ୍ଷଣ ଦେଉଛନ୍ତି। ସ୍ତ୍ରୀ ଚାରୁଲତା ମିଶ୍ରଙ୍କ ସ୍ମୃତିରେ ସେ ଏପରି ସାମାଜିକ କାର୍ଯ୍ୟ କରୁଥିବା କହିଛନ୍ତି। ସେ ପୂର୍ବରୁ କେନ୍ଦ୍ରୀୟ ଅନୁଷ୍ଠାନରେ ଚାକିରି କରିଥିଲେ। ସେଠାରୁ ଅବସର ନେବା ପରେ ବିଭିନ୍ନ କମ୍ପାନୀ, ଶିକ୍ଷାନୁଷ୍ଠାନ, ବୀମା କମ୍ପାନୀ ଆଦି ଜାଗାରେ ସାମୟିକ ଭାବେ ବୈଷୟିକ ଶିକ୍ଷା ଦେଉଛନ୍ତି। ଏହି ସ୍ମାର୍ଟ ବୋର୍ଡ ପ୍ରଦାନ ସମୟରେ ହୃଷୀକେଶଙ୍କ ସହ ସହ ପିପିଏଲ ମୁଖ୍ୟ ପାଲାନୀସାମି ଭେଲୁସ୍ୱାମୀ, ସିଏସ୍ଆର ମୁଖ୍ୟ ଓମ୍ପ୍ରକାଶ ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ସ୍କୁଲରେ ସ୍ମାର୍ଟ ବୋର୍ଡ ପ୍ରଦାନ ଅବସରରେ ବୃଦ୍ଧ ହୃଷୀକେଶ ମିଶ୍ର ଓ ଅନ୍ୟମାନେ।

# ଧାନ ଅମଳବେଳେ ବର୍ଷା, ଡେରାବିଶ ଚାଷୀଙ୍କ ମୁଣ୍ଡରେ ଚଡ଼କ



ଡେରାବିଶ, ୨୦।୧୨ (ବେବର୍ତ୍ତା ଅଜୟ ଦାସ)

ବର୍ଷକର ଆହାର ପାଇଁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳର ଧାନ ହେଉଛି ମୁଖ୍ୟ ଫସଲ। ଋଣ କରି ଧାନ ଫସଲ କରିଥିବା ଚାଷୀଙ୍କର ବର୍ତ୍ତମାନ ବିଲରୁ ଧାନ କାଟି ଅମଳ କରୁଛନ୍ତି। ମାତ୍ର ଶୁକ୍ରବାର ଲଘୁଚାପ ଜନୀତ ବର୍ଷ ଯେପରି ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ଚଳିତ ବର୍ଷ ବ୍ଲକ ଅଞ୍ଚଳରେ ୧୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିରେ ଧାନ ଚାଷ ହୋଇଛି। ଧାନ ଫସଲ ଭଲ ହୋଇଥିଲା। ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଚାଷୀମାନେ ସେମାନଙ୍କ ଜମିରୁ ଫସଲ ଅମଳ କରିବାକୁ ଯୋରସୋର ଲାଗି ପଡିଛନ୍ତି। ବିଲରେ ଧାନ କଟା ହୋଇ ପଡିଥିବାବେଳେ ଶୁକ୍ରବାର ଲାଗଣ ବର୍ଷା ଯୋଗୁ ପାଣି ଛିଡ଼ା ହେବା ଆରମ୍ଭ ହେଲାଣି। ଏପରି ସମୟରେ ଧାନ କିପରି ନିଜ ଖଳାକୁ ଆଣି ଅମଳ କରିବେ ସେନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଏ ସମ୍ପର୍କରେ ଅଗ୍ରଣୀ ଚାଷୀ ହରେକୃଷ୍ଣ ସ୍ୱାଇଁ କୁହିଛନ୍ତି, ଶୁକ୍ରବାର ବର୍ଷା ଭାତ ହାଣ୍ଡିରେ ପହାର ସଦୃଶ ପାଲଟିଛି। କିପରି ଧାନ ଅମଳ ହେବ ସେନେଇ ଆମକୁ ବୁଦ୍ଧି ଦେଖାଯାଉନାହିଁ। ଖାଲୁଆ ଜମିରେ ପାଣି ଜମି ରହିବା ଯୋଗୁ ଫସଲ ଅମଳ ହେବା ସମ୍ଭାବନା କ୍ଷିଣ ପାଲଟିଛି। ବ୍ଲକ କୃଷି ଅଧିକାରୀ ବନଲତା ବେହେରାଙ୍କୁ ପଚାରିବାରେ ବର୍ଷ ଛାଡ଼ିବା ପରେ କେତେ ଫସଲ ନଷ୍ଟ ହୋଇଛି ସେ ସମ୍ପର୍କରେ ଆକଳନ କରାଯିବ ବୋଲି ସେ କହିଛନ୍ତି।

# ରାଜନଗର ଭାଜପାର ମିଶ୍ରଣ ପର୍ବ



ରାଜନଗର, ୨୦।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାନବଡ଼ଗୋପାଳପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ଲଳିତ ବେହେରାଙ୍କ ନେତୃତ୍ୱରେ ରାଜନଗର ପଞ୍ଚାୟତର ଯୁବନେତା ଚିତ୍ତରଞ୍ଜନ ଦାସ ଓ ପୂର୍ବତନ ସମିତିସଭ୍ୟ ଅନନ୍ତ କୁମାର ସେଠୀ, ଦଉହରି ମଲିକଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ୩୧ନଂ. ଜୋନ୍ ସଭାପତି ଦିଲୀପ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣପର୍ବରେ କୃଷକ ମୋର୍ଚ୍ଚାର ଜିଲା ସଭାପତି ଶ୍ରୀଧର ପ୍ରଧାନ, ଯୁବନେତା ମିଟୁ ମନୋଜ ନାୟକ, ବରିଷ୍ଠ ନେତା ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବାଜୀ ମିଶ୍ର, ବିଜୟ କୁମାର ସାହୁ, ବାଦଲ ଶର୍ମା, ମାନସ ସେଠୀ, ବେଣୁଧର ଦାସ, ରତୁ କୁମାର ସ୍ୱାଇଁ, ଜଗବନ୍ଧୁ ସେଠୀ, ଅଶ୍ୱିନୀ ସାହୁ, ଭଗବାନ୍ ମଲିକ, ବିଜୟ କୁମାର ଦାସ, ସୋମନାଥ ମଲିକ, ଗୟାଧର ମଲିକ ପ୍ରମୁଖଙ୍କୁ ଭାଜପା ନେତା ବେହେରା ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ଜଳ ନିଷ୍କାସନ ସମସ୍ୟା ଦୂର ପାଇଁ ଡ୍ରେନ୍ ତାଲିକା

ପଟ୍ଟାମୁଣ୍ଡାଇ, ୨୦।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌର ପରିଷଦର ଡିସେମ୍ବର ମାସର ବୈଠକ ଶୁକ୍ରବାର ପୌର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରି ବିବରଣୀ ପାଠ କରିବା

### ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ

ସହ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟତଃ ପ୍ରତି ୱାର୍ଡର ଜଳ ନିଷ୍କାସନ ସମସ୍ୟା ଦୂର ପାଇଁ ଡ୍ରେନ୍ ତାଲିକା ପ୍ରସ୍ତୁତକରି ସରକାରଙ୍କୁ ଅର୍ଥ ମଞ୍ଜୁର ପାଇଁ ସୁପାରିସ୍ କରିବା, ସହର ଉଠାଦୋକାନୀଙ୍କ ଥଇଥାନ ପାଇଁ ବିଭିନ୍ନ ସ୍ଥାନରେ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସରକାରୀ ଅର୍ଥ ମଞ୍ଜୁର ଲାଗି ସୁପାରିସ୍ କରିବା, ଭେଜିଟେବୁଲ ପାର୍କ ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା ଆଲୋକୀକରଣ ଆଦି ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। କାଉନ୍‌ସିଲରମାନେ କେୱାଇସି କରି ନ ଥିବା ରାଶନ କାର୍ଡ ହିତାଧିକାରୀଙ୍କ ତାଲିକା ଡିସେମ୍ବର ୩୦ ମଧ୍ୟରେ ଯୋଗାଣ ନିରୀକ୍ଷକଙ୍କଠାରୁ ସଂଗ୍ରହ କରି ଜନସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସମସ୍ତ କାଉନ୍‌ସିଲରଙ୍କ ସହ ପୌର କର୍ମକର୍ତ୍ତା ଯୋଗଦେଇଥିଲେ।

# ଆମ୍ବେଡକରଙ୍କୁ ଅପମାନରେ ଆପ୍‌ର ବିକ୍ଷୋଭ

କେନ୍ଦ୍ରାପଡ଼ା, ୨୦।୧୨ (ଜଗନ୍ନାଥ ଧଳ)

ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ପ୍ରତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲା ଆମ୍ ଆଦମୀ ପାର୍ଟି (ଆପ) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ସନ୍ଦୀପ୍ତ ଦାସ କହିଛନ୍ତି, ପବିତ୍ର ସଂସଦ ପରିସରରେ ସମ୍ବିଧାନ ପ୍ରଣେତା ଡ. ଭୀମ ରାଓ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଗୃହମନ୍ତ୍ରୀ ଶାହାଙ୍କ ଅଶାଳୀନ ଟିପ୍ପଣୀ ଭାରତୀୟଙ୍କ ଭାବାବେଗକୁ କୁଠାରଘାତ କରିଛି। କେନ୍ଦ୍ର ସରକାର ବିରୋଧୀ ଦଳର ସାଂସଦଙ୍କର ଅଭିବ୍ୟକ୍ତିକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଡ. ଆମ୍ବେଡକରଙ୍କ ନାମକୁ ଅତି ତାଚ୍ଛଲ୍ୟପୂର୍ଣ୍ଣ ଭଙ୍ଗିରେ କରିଛନ୍ତି। ଯାହା ସରକାରଙ୍କ ସମ୍ବିଧାନ ବିରୋଧୀ ମାନସିକତାକୁ ପଦାରେ ପକାଇଛି। ଏହାକୁ ନେଇ ଆପ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ମାରକ ପତ୍ର ପ୍ରଦାନ ବେଳେ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପରିଡ଼ା, ମହମ୍ମଦ ଜାକିର ରହେମନ, ସାହିଲ ଫଇଜଲ, ରାକେଶ କୁମାର ରାଉତ, ସାଗରିକା ଦାସ ପ୍ରମୁଖ ସାମିଲ ଥିଲେ।

# ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ରାଜନଗର, ୨୦।୧୨ (ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ବିଦେଶରେ ରାଷ୍ଟ୍ରବିରୋଧୀ ମନ୍ତବ୍ୟ ଓ ସଂସଦ ଭିତରେ ସାଂସଦମାନଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଶୁକ୍ରବାର ଦାହ କରାଯାଇଛି। ରାଜନଗର ବ୍ଲକ ଭାଜପା ପକ୍ଷରୁ ଜିଲା ଉପସଭାପତି ସଦାଶିବ ଜେନା, ଦିଲୀପ ପାଲଙ୍କ ନେତୃତ୍ୱରେ କର୍ମୀମାନେ ତ୍ରିନାଥ ବଜାରରୁ ଶୋଭାଯାତ୍ରାରେ ଆସି ହଂସୁଆ ସେତୁ ନିକଟରେ କଂଗ୍ରେସ ଓ ବିରୋଧୀ ଦଳ ନେତା ରାହୁଲଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ପ୍ରମୋଦ ଦାସ, ମଣ୍ଡଳ ସଭାପତି କ୍ରୀଷ୍ଣା ବେହେରା, ମଙ୍ଗୁଲି ମହାନ୍ତି, ନଗେନ୍ଦ୍ର ପାତ୍ର, ସଂଗ୍ରାମ ସ୍ୱାଇଁ, ଭିକାରୀ ସେଠୀ, ପ୍ରଦୀପ ଦାସ, ଶୂନ୍ୟବାସୀ ରଣା ପ୍ରମୁଖ ଯୋଗଦେଇଥିଲେ।

# ବଡ଼ ହେବାକୁ ହେଲେ ମାତାପିତା, ଶିକ୍ଷକଙ୍କ କଥା ଶୁଣ

ଆଳି, ୨୦।୧୨ (ବନମାଳୀ ସେନାପତି)

ଆଳି ବ୍ଲକ ଶରତ କୁମାର ଦେବ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲିକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ମିଶ୍ର ଯୋଗଦେଇ ପିଲାଙ୍କୁ ଜୀବନରେ ବଡ଼ ହେବାକୁ ହେଲେ ପିତା ମାତା, ଶିକ୍ଷକଙ୍କର କଥା ଶୁଣିବା ଉଚିତ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ନୃସିଂହ ଚରଣ ନନ୍ଦୀ, ସମ୍ମାନିତ ଅତିଥି ଭାବେ ଏବିଇଓ ଉଦକର ସାମଲ ଓ କ୍ଲଷ୍ଟର ସିଆରସିସି ହଳଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ

### ଶରତ କୁମାର ଦେବ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଦ୍ୟାଳୟର ପୂର୍ବତନ ଛାତ୍ର ପ୍ରଣବ କୁମାର ପଣ୍ଡାଙ୍କ ସିଭିଲ ସର୍ଭିସ ପରୀକ୍ଷାର କୃତିତ୍ୱ ପାଇଁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ସାହୁ ଅତିଥି ପରିଚୟ, ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କ୍ରୀଡା ଶିକ୍ଷକ ରିତେଶ କୁମାର ବେହେରା ଉତ୍ସବକୁ ସଂଯୋଜନା କରିଥିଲେ। କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ଦଶରଥ ମଲିକ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ସମୀକ୍ଷାରେ ଜିଲାର ୪୬ରୁ ୨୮ ସେତୁ ନିର୍ମାଣ ଶେଷ



ଜିଲାପାଳ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କେନ୍ଦ୍ରାପଡ଼ା, ୨୦।୧୨ (ଜଗନ୍ନାଥ ଧଳ)

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୋପବନ୍ଧୁ ଏକାଡ଼େମୀର ମହାନିର୍ଦ୍ଦେଶକ ଜି. ମାଥିଭାଥନନଙ୍କ ଦୁଇଦିନିଆ କେନ୍ଦ୍ରାପଡ଼ା ଜିଲା ଗସ୍ତ ଶୁକ୍ରବାର ଶେଷ ହୋଇଛି। ଉନ୍ନୟନ କାର୍ଯ୍ୟ ସମୀକ୍ଷା ସମୟରେ ଜିଲାର ମୋଟ ମଞ୍ଜୁରପ୍ରାପ୍ତ ୪୬ ସେତୁ ପ୍ରକଳ୍ପରୁ ୨୮ଟି ଶେଷ ହୋଇ ଥିବା ସୂଚନା ମିଳିଛି। ଏଥିସହ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଚିହ୍ନଟ ୧୪୨୩ ଗ୍ରାମ ମଧ୍ୟରୁ ୧୧୪୬ ଗ୍ରାମକୁ ବାହ୍ୟ ମଳମୂତ୍ର ତ୍ୟାଗ ହୀନ ଗ୍ରାମ ଭାବେ ଘୋଷଣା ପାଇଁ କାର୍ଯ୍ୟ ହୋଇଥିବା ଦର୍ଶାଯାଇଛି। ସେହିପରି ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଜିଲାରେ ଥିବା ଜଳକ୍ଲିଷ୍ଟ ଗ୍ରାମକୁ ପାନୀୟ ଜଳ ଯୋଗାଣ

### ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କେନ୍ଦ୍ରାପଡ଼ା ଗସ୍ତ

କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାନନ ଜିଲାକୁ ଗୁରୁବାର ଓ ଶୁକ୍ରବାର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପରିଦର୍ଶନ କରିଥିଲେ। ଏଥିପାଇଁ ଜିଲାର ମହାକାଳପଡ଼ା, ମାର୍ଶାଘାଇ ଓ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳ ଗସ୍ତ କରିଥିଲେ। ସମୀକ୍ଷା ବୈଠକରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଅବାସ ଯୋଜନା (ଗ୍ରାମୀଣ), ଜାତୀୟ ଖାଦ୍ୟ ମିଶନ, ଅନ୍ତୋଦୟ ଗୃହ ଯୋଜନା ଓ ପରିମଳ ବ୍ୟବସ୍ଥା, ସ୍ୱଚ୍ଛ ଭାରତ ମିଶନ, ହର ଘର ଜଳ, ବସୁଧା, ଜଳ ଜୀବନ ମିଶନ, ସେତୁ ବନ୍ଧନ ଯୋଜନା, ପଞ୍ଚସଖା ଶିକ୍ଷା ସେତୁ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ପିଏମଶ୍ରୀ ଯୋଜନା, ନିପୁଣ ଓଡ଼ିଶା, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ମଧୁବାବୁ ପେନସନ ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ତଥ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

### ପଲ୍ଲୀ ଟେକ୍‌ନିକ୍ କଲେଜ ପିଲାଙ୍କ ସହ ମତ ବିନିମୟ

ଡେରାବିଶ, ୨୦।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକକୁ ଶୁକ୍ରବାର ଅତିରିକ୍ତ ମୁଖ୍ୟ ଶାସନ ସଚିଚ ଜି. ମାଥିଭାଥନନ ଓ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଗସ୍ତ କରିଥିଲେ। ଏହି ଅବସରରେ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ କେନ୍ଦ୍ରପଡ଼ା ପଲ୍ଲି ଟେକ୍‌ନିକ୍ କଲେଜକୁ ଯାଇ ସଚିବ ଓ ଜିଲାପାଳ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କରିବା ସହ କଲେଜ ପରିସର ବୁଲି ଦେଖିଥିଲେ। କଲେଜ ଅଧ୍ୟକ୍ଷ ଡ. ଗୁଣନିଧି ପ୍ରଧାନଙ୍କ ସହ କଲେଜ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଗୋଲରାହାଟସ୍ଥିତ ଉତ୍କଳ ଗ୍ରାମୀଣ ପ୍ରତ୍ୟୁସର ଗ୍ରୁପ କାର୍ଯ୍ୟାଳୟରେ ପହଞ୍ଚି ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଏମ୍ବ୍ରୋଡୋରୀ ଓ ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତର ପ୍ରଣାଳୀ ବୁଲି ଦେଖିଥିଲେ। ଏହାପରେ ସଚିବ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତିରେ ପହଞ୍ଚି ଧାନମଣ୍ଡି ସମ୍ପର୍କରେ ସଭାପତି ଖୁରସିଦ ଆଲମ ଖାଁ ଓ ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତିଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସମବାୟ ସମିତିରେ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା, ମିନି ବ୍ୟାଙ୍କ ଦ୍ୱାରା ହେଉଥିବା କାରବାର ଓ ଚାଷୀମାନଙ୍କୁ ଦିଆଯାଉଥିବା ଋଣ ଦେଣନେଣ ସହ ବିହନ ଏବଂ ସାର ବ୍ୟବସାୟ ବାବଦରେ ପଚାରି ବୁଝିବା ସହ ଉପସ୍ଥିତ ଥିବା ଚାଷୀମାନଙ୍କ ସହ ମତ ବିନିମୟ କରିଥିଲେ। ଏହି ଅବସରରେ ଜିଲା ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ଓ ଅଜୟ କୁମାର ରାଉତ ଉପସ୍ଥିତ ଥିଲେ। ଗୋଲରାହାଟର ଦୁମୁକାରେ ପଞ୍ଚାୟତ ପକ୍ଷରୁ କରାଯାଇଥିବା ଆମ୍ର ଉଦ୍ୟାନ ଓ ଗ୍ରାମ୍ୟ ପନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କରାଯାଇଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ବୁଲି ଦେଖିବା ସହ ସରପଞ୍ଚ କାଶିନାଥ କାଣ୍ଡି, ବିଭାଗୀୟ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କ ସହ ଆଲେଚାନା କରିଥିଲେ। ପରେ ପରେ ବାଲିଆ ପଞ୍ଚାୟତର ମାଣିଖଣ୍ଡିସ୍ଥିତ ଅମୃତ ସରୋବର ପ୍ରକଳ୍ପ ବୁଲି ଦେଖିବା ସହ ସରପଞ୍ଚ ପ୍ରବୀର କୁମାର ସିଂହଙ୍କ ସହ ଏହାର ଉନ୍ନତିକରଣ ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଶାସନ ସଚିବଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ବିଡିଓ ନମିତା ବାରିକ, ଅତିରିକ୍ତ ଜିଲା ସହକାରୀ ପ୍ରକଳ୍ପ ଅଧିକାରୀ ଦୟାସିନ୍ଧୁ ପରିଡ଼ା, ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ, ଅନୀଲ ମହାନ୍ତି ଓ ସସ୍ମିତା ନାୟକ, ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷା, ସଙ୍କଟରେ ଚାଷୀ



ଭଞ୍ଜନଗରରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇ ବର୍ଷାରେ ଭିଜି ଘରକୁ ଫେରୁଛନ୍ତି।



ବେଲଗୁଣ୍ଠାରେ ବର୍ଷାରେ ଭିଜୁଛି ଧାନ ଫସଲ



ପାରଳାଖେମୁଣ୍ଡିରେ ଚାଷୀ ଖଳାରେ ଘୋଡାଇ ରଖିଥିବା ଧାନ

ବେଲଗୁଣ୍ଠା/ଚିକିଟି/ଗୋପାଳପୁର/ବୁଗୁଡା/ଭଞ୍ଜନଗର/ଆସିକା/ ଶେରଗଡ଼/ଧରାକୋଟ/ପାରଳାଖେମୁଣ୍ଡି/ବାଲିଗୁଡା, ୨୦।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ପ୍ରକାଶ ଚନ୍ଦ୍ର ସାହୁ/ ନବୀନ ରାଜ ଆଚାରୀ/ କାଳିଚରଣ ଦାଶ/ବାବୁଲା ପ୍ରଧାନ/ ସୁରେନ୍ଦ୍ର ନାଥ ସାହୁ/ ସୂର୍ଯ୍ୟ ନାରାୟଣ ଦାଶ/ବିଷ୍ଣୁ କେଶରୀ ଆଚାର୍ଯ୍ୟ/ଗିରିଧାରୀ ପରିଛା/ ସଞ୍ଜୟ କୁମାର ପାଣିଗ୍ରାହୀ)–

ଚାଷୀର ଫସଲ ବଞ୍ଚିବା ପାଇଁ ଯେତେବେଳେ ବର୍ଷାର ଜରୁରୀ ଆବଶ୍ୟକତା ଥିଲା ସେହି ସମୟରେ ଚାଷୀଙ୍କ ପାଇଁ ବର୍ଷା ନ ଥିଲା। ଫଳରେ ବେଲଗୁଣ୍ଠା ବ୍ଲକ୍‌ରେ ବହୁ ଜମିରେ ଧାନ ଫସଲ ହୋଇ ନ ପାରି ପଡ଼ିଆ ପଡ଼ିଥିଲା। ଯେଉଁ କିଛି ଜମିରେ ଚାଷୀମାନେ ଯେନତେନ ପ୍ରକାରେ ଜଳସେଚନ କରି ଫସଲକୁ ବଞ୍ଚାଇ ରଖିଥିଲେ ସେଗୁଡ଼ିକର ଅମଳ ସମୟରେ ଦାଉ ସାଧିଛି ଅଦିନିଆ ବର୍ଷା। ବର୍ତ୍ତମାନ କୋହଲା ପାଗ ଏବଂ ଝିପିଝିପି ବର୍ଷା ଚାଷୀ ଆଖିରୁ ନିଦ ହଜାଇ ଦେଇଛି। ଚାଷୀ ଅମଳ ଧାନକୁ ଖଳା, ରାସ୍ତା କିମ୍ବା ଛାତ ଉପରେ ପାଲ ଘୋଡ଼ାଇ ରଖିଛନ୍ତି। ଅମଳ ହୋଇଥିବା ଧାନ ଏବେ ବର୍ଷାରେ ଭିଜୁଛି। ଖଳା ଏବଂ ରାସ୍ତାରେ ଥିବା ଫସଲକୁ ବନ୍ୟଜନ୍ତୁ, ଗୋରୁ ଗାଈ ନଷ୍ଟ ଏବଂ ଚୋରି ହେବା ଭୟ ଥିବାରୁ ଚାଷୀ ରାତି ଉଜାଗର ରହି ଏହାକୁ ଜଗି ରହୁଛନ୍ତି। କେତେ ଜଣ ଚାଷୀ ନିଜ ଫସଲର ସୁରକ୍ଷା ଚିନ୍ତାରେ ଅମଳ ଧାନକୁ ଚୋରା ବେପାରୀଙ୍କୁ ବିକ୍ରି କରି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ ବ୍ଲକ୍‌ରେ ବର୍ଷାରେ ପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ଶାଗ ଫସଲ ଉପରେ ବାଲି ଚରିଯାଇଥିବା ବେଳେ କୋବି ଏବଂ ଟମାଟୋ ଫସଲରେ ପୋକ ଲାଗିବା ଆରମ୍ଭ ହୋଇଛି। ଏନେଇ ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ରାଜ୍ୟ ସଭାପତି ସଚିନ ମହାପାତ୍ର ଓ ପ୍ରବକ୍ତା ସ୍ୱସ୍ତି ସୁନ୍ଦର ସିଅ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ ପ୍ରଶାସନ ଶୀଘ୍ର ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଚିକିଟି ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଗତ ଦୁଇ ଦିନ ହେଲା କୋହଲା ପାଗ ଓ ଝିପିଝିପି ବର୍ଷା ଲାଗିରହିଛି। କେତେକ ଚାଷୀ ଧାନ କାଟି ସାରିଦେଇଥିବା ବେଳେ ବିଲରେ ପଡ଼ିରହିଛି। ବର୍ଷା ଯୋଗୁ ଧାନ ଭିଜି ଗଜା ହୋଇ ପୁଣି ସେଥିରେ ଗଛ ବାହାରିଲାଣି। ଏହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। କିଭଳି ସୋସାଇଟି, ବ୍ୟାଙ୍କ ଓ ହାତ ଉଧାର ଟଙ୍କା ଶୁଝିବେ ନେଇ ଚିନ୍ତାରେ ଅଛନ୍ତି। ଚଳିତ ବର୍ଷ ଅଦିନିଆ ବର୍ଷା ଚାଷୀଙ୍କୁ ସଙ୍କଟରେ ପକାଇ ଦେଇଛି। ଏଭଳି ପରିସ୍ଥିତିରେ ପ୍ରଶାସନର ନିଃସ୍କ୍ରିୟତା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ସୂଚନାଯୋଗ୍ୟ, ଚଳିତ ଖରିଫ ଋତୁରେ ବ୍ଲକରେ ୯୬୦୦ ହେକ୍ଟର ଧାନ ଚାଷ ହୋଇଥିଲା।

ଗୋପାଳପୁର ଓ ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଲଘୁଚାପ ପ୍ରଭାବରେ ଶୁକ୍ରବାର ଦିନସାରା ଝିପିଝିପି ବର୍ଷା ଲାଗି ରହିଛି। ପାଣିପାଗ ପକ୍ଷରୁ ଶନିବାର ଗଞ୍ଜାମ ଜିଲାକୁ ହଳଦିଆ ବିପଦ ସଙ୍କେତ ଜାରି କରିବା ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି। ରଙ୍ଗେଇଲୁଣ୍ଡା ବ୍ଲକର କିଛି ଅଞ୍ଚଳରେ ଚାଷୀମାନେ ଧାନ କାଟି ବିଲରେ ପକାଇଛନ୍ତି। ବର୍ଷା ଯୋଗୁ ଚାଷୀ ଚିନ୍ତାରେ ରହିଛି। ରଙ୍ଗେଇଲୁଣ୍ଡା ବ୍ଲକରେ ୮୯୦୦ ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଥିଲା।

ବୁଗୁଡା ଅଞ୍ଚଳରେ ଗତ ଦୁଇଦିନ ଧରି ମେଘୁଆ ପାଗ ଜାରି ରହି ଶୁକ୍ରବାର ସକାଳୁ ଝିପିଝିପି ବର୍ଷା ଲାଗିରହିଛି। ଏହି ଅଦିନିଆ ବର୍ଷାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ପ୍ରାୟ ଜମିରେ ଧାନ ସବୁ ପାଚି ଯାଇଥିବା ବେଳେ ତାହା ଏବେ ବର୍ଷାରେ ଭିଜୁଛି। କିଛି ଚାଷୀ ଧାନ କାଟି ବିଲରେ ରଖିଛନ୍ତି ଆଉ କିଛି ଚାଷୀ ବିଲରେ ଧାନ ଗଦା କରି ପାଲ ଘୋଡେଇ ରଖିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ବୁଗୁଡ଼ା ବ୍ଲକରେ ଚଳିତ ଖରିଫ ଋତୁରେ ପ୍ରାୟ ୭ହଜାର ୮୦୦ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା।

ଭଞ୍ଜନଗର ଅଞ୍ଚଳରେ ଶୁକ୍ରବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଯୋଗୁ ବାରମ୍ବାର ବିଦ୍ୟୁତ୍ କାଟ ହୋଇଥିଲା। ଏହି ବର୍ଷା ଯୋଗୁ ପନିପରିବା ଫସଲ କ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଆଜି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ତୃତୀୟ ସେମିଷ୍ଟାର ପରୀକ୍ଷା ଥିବାରୁ ଗ୍ରାମାଞ୍ଚଳ ଛାତ୍ରୀଛାତ୍ରମାନେ ବର୍ଷା ଯୋଗୁ କଲେଜକୁ ପରୀକ୍ଷା ଦେବାକୁ ଆସିବା ଏବଂ ଫେରିବା ସମୟରେ ଅନେକ ସମସ୍ୟାର ସମ୍ମୁଖିନ ହୋଇଥିଲେ।

ଆସିକା ଅଞ୍ଚଳରେ ଶୁକ୍ରବାର ସକାଳୁ ଝିପିଝିପିଆ ଲଗାଣ ବର୍ଷା ଜାରି ରହିଛି । ବର୍ଷା ସାଙ୍ଗକୁ ପ୍ରବଳ କୋହଲା ପାଗ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବଜାର ଓ ବସଷ୍ଟାଣ୍ଡ ଜନଶୂନ୍ୟ ରହିଥିବା ଦେଖିବାକୁ ମିଳିଥିଲା। ଏଭଳି ପରିସ୍ଥିତିରେ ଚାଷ ଜମିରେ ଅମଳ ଅପେକ୍ଷାରେ ରହିଥିବା ଖରିଫ ଧାନ ଫସଲ ଜମିରେ ପଡିଯିବା ସହ ବିଭିନ୍ନ ସ୍ଥାନରେ କଟା ହୋଇ ଜମିରେ ପଡିଥିବା ଧାନ ଫସଲ ପାଇଁ ଚାଷୀ ଚିନ୍ତାରେ ରହିଛି।

ସେହିପରି ଶେରଗଡ ବ୍ଲକ ଅଞ୍ଚଳରେ ଶୁକ୍ରବାର ସକାଳୁ ଝିପିଝିପି ବର୍ଷା ଲାଗିରହିଛି। ଧାନ କଟା ହୋଇ ବିଲରେ ପଡିଥିବା କଳେଇ ଭିଜିଯାଇଛି। ଫଳରେ ଧାନ ଫସଲ ନଷ୍ଟ ହେବା ନେଇ ଚାଷୀ ଚିନ୍ତାରେ ପଡିଛି। ଗତ ୧ରୁ ୬ ପର୍ଯ୍ୟନ୍ତ କୋହଲା ପାଗ ଓ ଝିପିଝିପି ବର୍ଷା ଯୋଗୁ ବହୁତ ଧାନ କଳେଇ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଥିଲେ। ଶୁକ୍ରବାର ପୁଣି ବର୍ଷା ଚାଷୀ ପାଇଁ ପୁଣି କ୍ଷତି ପହଞ୍ଚାଇଛି। ସୂଚନାଯୋଗ୍ୟ, ଶେରଗଡ଼ ବ୍ଲକର ୨୨ ପଞ୍ଚାୟତର ୮୦ରୁ ଅଧିକ ଗ୍ରାମରେ ଧାନ କଳେଇ ବିଲରେ ପଡିଛି।

ଧରାକୋଟ ଅଞ୍ଚଳର ଚାଷୀଙ୍କୁ ବର୍ଷା ଚିନ୍ତାରେ ପକାଇଛି। ଚଳିତବର୍ଷ ଅଭାବୀ ବର୍ଷା ଯୋଗୁ ବିଳମ୍ବରେ ଆରମ୍ଭ ହୋଇଥିବା ଖରିଫ ଧାନ ଚାଷ ଜଳସେଚନ ସୁବିଧା ଥିବା ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଅଞ୍ଚଳରେ ଧାନ ଫସଲ ୪୦ ପ୍ରତିଶତ ନଷ୍ଟ ହୋଇଛି। ଯାହା ଥିଲା ତାକୁ ଅମଳ ପାଇଁ ଚାଷୀ ଲାଗି ପଡ଼ିଥିଲେ। ସେଥିରେ ଲଗାଣ ବର୍ଷା ଦାଉ ସାଧୁଛି। କମ ସଂଖ୍ୟକ ଚାଷୀ ପାଚିଲାଧାନ ଅମଳ କରି ଖଳାକୁ ନେଇଥିବା ବେଳେ ଅନେକ ଜମିରେ ପାଚିଲା ଧାନ ଲହଡ଼ି ମାରୁଛି । କେତେକ ଜମିରେ ପଡିଥିବା କଟାଧାନ କଳେଇ ଏବେ ବର୍ଷାରେ ଭିଜୁଛି। ଇତି ମଧ୍ୟରେ ଯୋଗାଣ ବିଭାଗ ପକ୍ଷରୁ ୨୩ରୁ ଚାଷୀଙ୍କଠାରୁ ଧାନ କିଣିବାକୁ ନିଷ୍ପତ୍ତି ହୋଇ ପ୍ରଥମ ପର୍ଯ୍ୟାୟରେ କେତେ ଜଣ ଚାଷୀଙ୍କ ମୋବାଇଲକୁ ମ୍ୟାସେଜ ଆସିଛି। ଟୋକନ ପାଇଥିବା ଚାଷୀ ମ୍ୟାସେଜର ସୂଚନା ମୁତାବକ ନିଜ ନିଜ ମଣ୍ଡିରେ ଧାନ ବିକ୍ରୟ କରିପାରିବେ ବୋଲି ଯୋଗାଣ ନିରୀକ୍ଷକ ସଞ୍ଜୟ ମଲିକ କହିଛନ୍ତି।

ଗଜପତି ଜିଲା ପାରଳାଖେମୁଣ୍ଡିରେ ଗୁରୁବାର ସନ୍ଧ୍ୟାରୁ ଲଗାତାର ଝିପିଝିପି ବର୍ଷା ଲାଗିରହିଛି। ଏହା ଚାଷୀଙ୍କୁ ସଙ୍କଟରେ ପକାଇଛି। ଅଦିନିଆ ବର୍ଷା ହେତୁ ଧାନ ଭିଜିଯିବା ସହ ଧାନର ରଙ୍ଗ ପରିବର୍ତ୍ତନ ହେବା ସମ୍ଭାବନା ଦେଖାଦେଇଛି। ଜିଲାର ୮୦ ପ୍ରତିଶତ ଚାଷୀ ନିଜ ବିଲରେ ଧାନ ଖଳା ପ୍ରସ୍ତୁତ କରି ଅମଳ ଧାନକୁ ପାଲ, ନଡା ଘୋଡାଇ ଧାନକୁ ସାଇତି ରଖିଛନ୍ତି। ତେବେ ଜିଲାରେ ନଭେମ୍ବର ଶେଷ ସୁଦ୍ଧା ପ୍ରାୟ ଧାନ ଅମଳ ହୋଇଯାଉଥିବାରୁ ଧାନ ସଂଗ୍ରହ ବେଳକୁ ଚାଷୀଙ୍କୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା କରିବାକୁ ପଡୁଛି। ମଣ୍ଡିରେ ଧାନ ସଂଗ୍ରହ ବେଳେ ଚାଷୀଙ୍କୁ କିଛି ମାତ୍ରାରେ କୋହଳ କରିବା ପାଇଁ ଚାଷୀ ଦାବି କରିଛନ୍ତି।

ବାଲିଗୁଡା ସମେତ ଆଖପାଖ ଅଞ୍ଚଳରେ ଲଘୁଚାପ ପ୍ରଭାବରେ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଚାଷୀଙ୍କ କ୍ଷେତ ଓ ଖଳାରେ ପାଚିଲାଧାନ ପଡି ରହିଥିବାରୁ ତାହା ବର୍ଷାରେ ଭିଜୁଛି। ଅନେକ ସ୍ଥାନରେ ଧାନ ଭିଜିବା ସହିତ କ୍ଷେତରେ ପାଣି ଜମିବାରେ ଲାଗିଛି। ଫଳରେ ଧାନ ଗଜା ହୋଇଯିବ ବୋଲି ଚାଷୀ କହିଛନ୍ତି। ତୁରନ୍ତ ଧାନ ମଣ୍ଡି ଖୋଲିବା ସହ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଲକ୍ଷ୍ମୀପୂଜା ଭସାଣି ଉତ୍ସବ

କବିସୂର୍ଯ୍ୟନଗର,୨୦।୧୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍‌ଏସିର ତନ୍ତିସାହିରେ ଚାଲିଥିବା ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘଣ୍ଟମୃଦଙ୍ଗ ବଜାଇ ନଗର ପରିକ୍ରମା କରି ଶେଷରେ ଧନେଇ ନଦୀରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଖବରଦାତା କୃପାସିନ୍ଧୁ ସ୍ୱାଇଁ ଓ ଚିତ୍ରକର ସନାତନ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଯୁବ କଳାକାରଙ୍କୁ ନେଇ ଏହି ଅବସରରେ ଭଜନ ସମାରୋହ ହୋଇଥିଲା। ଓମ୍ କୁମାର ଗୌଡ଼, ବବ୍ରୁବାହାନ ଜେନା ଓ ଅନ୍ୟମାନେ ଭଜନ ଗାନ କରିଥିଲେ। ଅର୍ଗାନରେ ଶିକ୍ଷକ ସୁବାସ ବିଶ୍ୱାଳ, ତବଲାରେ ଲକ୍ଷ୍ମୀ ନାରାୟଣ ପାତ୍ର ଥିଲେ । ପ୍ରଶାନ୍ତ ବିଶ୍ୱାଳ, ଗୌତମ ଡାକୁଆ, ରାମଚନ୍ଦ୍ର ନାୟକ, ପପୁନ ନାୟକ, ବାବୁଲା ସିଓ, କାହ୍ନୁ ଗୌଡ଼, ଦେବାଶିଷ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭସାଣି ଉତ୍ସବ ଅତି ଧୁମଧାମରେ ଘଣ୍ଟମୃଦଙ୍ଗ ବଜାଇ ନଗର ପରିକ୍ରମା କରି ଶେଷରେ ଧନେଇ ନଦୀରେ ବିସର୍ଜନ କରାଯାଇଥିଲା।

### ଆମ୍ବେଦକରଙ୍କ ପ୍ରତି ଅମିତ୍ ଶାହାଙ୍କ ଆପତ୍ତିଜନକ ମନ୍ତବ୍ୟକୁ କଂଗ୍ରେସର ବିରୋଧ

ଫୁଲବାଣୀ,୨୦।୧୨(ରାକେଶ କୁମାର ରାଉତ)

ସଂସଦ ଭିତରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଫୁଲବାଣୀରେ ଗୁରୁବାର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକଠାରେ ଦଳୀୟ ନେତା ଓ କର୍ମୀ ଏକଜୁଟ ହୋଇ ଶାହାଙ୍କ ବିରୋଧରେ ନାରାବାଜି କରିବା ସହିତ ତାଙ୍କର ଇସ୍ତଫା ଦାବି କରିଥିଲେ। ସମ୍ବିଧାନ ପ୍ରଣେତାଙ୍କ ସମ୍ପର୍କରେ ଶାହାଙ୍କ ମନ୍ତବ୍ୟ ସମଗ୍ର ଦେଶ ଏବଂ ଦଳିତ ଜାତି ପାଇଁ ଅପମାନ ବୋଲି ଦଳୀୟ ନେତାମାନେ କହିଥିଲେ। ମନ୍ତ୍ରୀ ଦେଶକୁ କ୍ଷମାମାଗିବା ସହିତ ତୁରନ୍ତ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ପରେ ଦଳୀୟ କର୍ମୀଙ୍କ ଦ୍ୱାରା ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ହେମନ୍ତ କର, ରଜତ ମହାନ୍ତି, ଗୌରଚରଣ ବେହେରା, ବଳଦେବ ବେହେରା, ସଂସାର ଭୋଇ, ପୂର୍ବତନ କାଉନ୍‌ସିଲର ସୂର୍ଯ୍ୟକାନ୍ତ ଦାଶ, ଯୁବନେତା ସଞ୍ଜୟ କହଁର, ଅନୁପମ କହଁରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ସମିତି ସଂଘର ବୈଠକ

ଚକାପାଦ,୨୦।୧୨(ପ୍ରତାପ କିଶୋର ବେହେରା)

ଟିକାବାଲି ବ୍ଲକ କଲ୍ୟାଣ ମଣ୍ଡପ ଠାରେ ସମିତି ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘର ସଭାପତି ବଦ୍ୟନାଥ ବେହେରା, ଉପସଭାପତି ଯୁନେଶ ଦିଗାଳ, ଚକାପାଦ ବ୍ଲକ ସଭାପତି କିରାପ ପ୍ରଧାନ ଓ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲିପ କୁମାର ପ୍ରଧାନ, ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରି କହଁର, ବ୍ଲକ ଉପାଧ୍ୟକ୍ଷ ସୋମନାଥ ବେହେରାଙ୍କ ସମେତ ଦୁଇଟି ବ୍ଲକର ସମିତିସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ବୈଠକରେ ସମିତିସଭ୍ୟମାନଙ୍କ ୧୨ ଗୋଟି ମୌଳିକ ସମସ୍ୟା ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଟିକାବାଲି ଚକାପାଦ ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଆଗକୁ ଗୁରୁତ୍ୱ ଦେବା ସହ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ସଭ୍ୟା ସଭ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ସମିତିସଭ୍ଯ କିରାପ ପ୍ରଧାନ ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ।

# ୨ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆସିକା ୨୦।୧୨ (ସୁରେନ୍ଦ୍ର ନାଥ ସାହୁ)




ଦେବଭୂମି ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଆସିକା ବ୍ଲକର ନିମିନାସ୍ଥିତ କୃଷ୍ଣଚରଣ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଥିଲା । ପ୍ରଧାନଶିକ୍ଷକ ଉଗ୍ରସେନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆସିକା ବିଇଓ ମୁନରାଣୀ ମହାନ୍ତ ଓ ମୁଖବକ୍ତା ଭାବେ ସଂସ୍କୃତି ଗବେଷକ ଡା. ବାୟାମନୁ ଚର୍ଚ୍ଚି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଧାଚରଣ ସାହୁ, ନିମିନା ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚି,ଏବିଇଓ ବିଭୁନନ୍ଦନ ପଣ୍ଡା, ଅବସରପ୍ରାପ୍ତ ଏବିଇଓ ରାଜକିଶୋର ମହାନ୍ତି, ସୁପ୍ରଭା ମରୀ ତ୍ରିପାଠୀ, ଉମାକାନ୍ତ ଚର୍ଚ୍ଚି, ସୁଷମା ପ୍ରଧାନ, ବଂଶୀଧର ପରିଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ଭାବେ ମାତାପିତା, ଗୁରୁଜନଙ୍କ ପ୍ରତି ଭକ୍ତି ଭାବ ସହ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।ସେହିଭଳି ଶୁକ୍ରବାର ଆସିକା ବ୍ଲକ ଦେବଭୂମିସ୍ଥିତ ଗ୍ରାମପଞ୍ଚାୟତ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା । ପ୍ରଧାନଶିକ୍ଷକ ଲବ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବଭୂମୀ ସରପଞ୍ଚ ଅଶାନ୍ତି ବେହେରା. ବିଇଓ ମୁନରାଣୀ ମହାନ୍ତି,ଏବିଇଓ ବିଭୁନନ୍ଦନ ପଣ୍ଡା, ସମିତିସଭ୍ୟା ଲକ୍ଷ୍ମୀ ବେହେରା, ପୂର୍ବତନ ସରପଞ୍ଚ ବିଜୟ ଦଳାଇ, ପୂର୍ବତନ ସମିତିସଭ୍ୟ ସନ୍ତୋଷ ନାୟକ, ଜିଲା ପରିଷଦ ପୂର୍ବତନ ସଦସ୍ୟ ଗୌରହରି ବେହେରା, ପରିଚାଳନା କମିଟି ସଭାପତି ଉପେନ୍ଦ୍ର ନାଥ ମୁନି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ନୂତନ ଏବିଇଓଙ୍କ ଯୋଗଦାନ

ଧରାକୋଟ,୨୦।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ନୂତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଭାବେ ସୌରୀ ଶଙ୍କର ବେହେରା କାର୍ଯ୍ୟରେ ଯୋଗଦେଇଛନ୍ତି । ଏହି ଅବସରରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଏବିଇଓ ପ୍ରଦୀପ ଶତପଥୀ, ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ରଙ୍କ ସହ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଆର୍‌ସିସିମାନଙ୍କ ପକ୍ଷରୁ କାଳୁ ଚରଣ ଗୌଡ଼, ଜଗନ୍ନାଥ ପଡ଼ିହାରୀ, ଶିବାନନ୍ଦ ବେହେରା, ଶ୍ରୀକାନ୍ତ ନାୟକ ଓ ଶର୍ମିଷ୍ଠା ପାତ୍ର ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ।

### ଦିଗପହଣ୍ଡି ବିଇଓଙ୍କୁ ଶେରଗଡ଼ ଦାୟିତ୍ୱ

ଶେରଗଡ଼,୨୦।୧୨(ସୂର୍ଯ୍ୟ ନାରାୟଣ ଦାଶ)

କାର୍ଯ୍ୟରତ ବିଇଓ ଅବସର ନେବା ପରଠାରୁ ଶେରଗଡରେ ବିଇଓ ପଦବୀ ନଭେମ୍ବର ୩୦ରୁ ଖାଲି ପଡିଥିଲା। ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ବିଚାରକୁ ନେଇ ଜିଲା ଶିକ୍ଷା ଅଧିକାରୀ ଦିଗପହଣ୍ଡି ବିଇଓ କୋରେଶ ସେଠୀଙ୍କୁ ଶେରଗଡ ବ୍ଲକ ଶିକ୍ଷା ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେଠୀ ଏନେଇ ପତ୍ର ପାଇବା ପରେ ଶୁକ୍ରବାର ଶେରଗଡ ବିଇଓ ଭାବେ ଦାୟିତ୍ୱ ଏବିଇଓ ଶୈରିନ୍ଦ୍ରୀ ଦଲେଇଙ୍କଠାରୁ ଗ୍ରହଣ କରିଛନ୍ତି।

### ଦୁର୍ଘଟଣା, ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

#### ଲୋକଙ୍କ ମଧ୍ୟରେ ସଚେତନତା ବଢିଲେ କମିବ ଦୁର୍ଘଟଣା, ସାଇବର ଠକେଇ

ଭଞ୍ଜନଗର,୨୦।୧୨(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ରେ ଟ୍ରାଫିକ୍ ଏବଂ ସାଇବର ଠକେଇ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଦୁର୍ଘଟଣା ହାର ବୃଦ୍ଧି ପାଉଛି। ଦୁର୍ଘଟଣା ଯୋଗୁ ଅନେକ ନିରୀହ ଲୋକ ମୃତାହତ ହେଉଛନ୍ତି । ସେହିଭଳି ସାଇବର ଠକେଇ ମଧ୍ୟ ବଢୁଛି। ଏହାଦ୍ୱାରା ଅନେକ ଲୋକ ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ବିଶେଷ କରି ଯୁବଗୋଷ୍ଠୀ ଅଧିକାଂଶ ସମୟ ଅନଲାଇନ୍ ଚାଟିଂ କରି ଠକେଇର ଶିକାର ହେଉଛନ୍ତି। ଲୋକଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା ବଢ଼ିଲେ ଦୁର୍ଘଟଣା ହାର ଏବଂ ସାଇବାର ଠକେଇ କମିପାରିବ। ଏଥିପ୍ରତି ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଛନ୍ତି। ଥାନା ଅଧିକାରୀ କୁମର ମୁଦୁଲିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରୋବେସନାରୀ ଆଇପିଏସ୍ ଅଧିକାରୀ ମନିଶ ସୁଗୁନ୍ଦ, ଏସ୍‌ଡିପିଓ ସୁଜିତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅରକ୍ଷିତ ପରିଛା ସଂଯୋଜନା କରିଥିଲେ। ସଭାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ ଯୋଗ ଦେଇଥିଲେ । ପରେ ପୋଲିସ ପକ୍ଷରୁ ଭଞ୍ଜନଗର ମୁଖ୍ୟ ସଡ଼କରେ ସଡ଼କ ସୁରକ୍ଷା ଉପରେ ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଯାଇଥିଲା।

### ଢଉଁଗାଁ ପଞ୍ଚାୟତରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଧରାକୋଟ,୨୦।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ଢଉଁଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶଙ୍କର ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଢ଼ଉଁଗାଁ ସରପଞ୍ଚ ମନୁ ପାତ୍ରଙ୍କ ସଂଯୋଜନାରେ ହୋଇଥିବା ଶିବିରକୁ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉଦ୍‌ଘାଟନ କରିଥିଲେ। ସୁନାମୋହି, ବାହାଡ଼ାଗୁଡ଼ା, ପଙ୍କଳବାଡି, ଜେନାପୁର, କରରାମଚନ୍ଦ୍ରପୁର ସହ ଅନ୍ୟ ଗ୍ରାମର ୫୧ ଜଣ ଚକ୍ଷୁ ରୋଗୀ ନିଜ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୧୧ ଜଣଙ୍କୁ ଶଙ୍କର ନେତ୍ରାଳୟ ପକ୍ଷରୁ ଚକ୍ଷୁରେ ପଡ଼ିଥିବା ପରଳ ଯୋଗୁ ଅଧିକ ଚିକିତ୍ସା ପାଇଁ ଶଙ୍କର ଚକ୍ଷୁ ନେତ୍ରାଳୟକୁ ନିଆଯାଇଥିଲା। ଅନ୍ୟମାନଙ୍କୁ ଚକ୍ଷୁ ପରୀକ୍ଷା ପରେ ଔଷଧ ପ୍ରଦାନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ପାରଳାଖେମୁଣ୍ଡି,୨୦।୧୨(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ଜିଲା ପରିଷଦ ବୈଠକ ଗୃହରେ ଗଜପତି ଜିଲାରେ କାର୍ଯ୍ୟରତ ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ(ଏପିଓ)ମାନଙ୍କ ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏପିଓମାନେ ଦୀର୍ଘ ୧୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସରକାର ଏପିଓମାନଙ୍କୁ ନିୟମିତ କରାଯିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୂର୍ବରୁ କାର୍ଯ୍ୟରତ ଜିପିଟିଏ ଏବଂ ଜିଆର୍‌ଏସ୍‌ଙ୍କୁ ସରକାର ନିୟମିତ କରିଥିଲେ ମଧ୍ୟ ଏମ୍‌ସି ଏବଂ ଏପିଓମାନଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ସରକାର ଏପିଓ ଓ ଏମ୍‌ସି ମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନ କଲେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିଲା ସଭାପତି ସୌମ୍ୟ ସୁଧାକର ତ୍ରିପାଠୀ, ସମ୍ପାଦକ ଦିଲ୍ଲୀପ ଦାସ, ଅକ୍ଷୟ ବିଷୋୟୀରତ୍ନ, ବସନ୍ତ ପଟ୍ଟନାୟକ, ମଧୁବାଳା ପାଢ଼ୀ ପ୍ରମୁଖ କର୍ମକର୍ତ୍ତା କହିଛନ୍ତି।

# ଔଷଧୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଫୁଲବାଣୀ/ଫିରିଙ୍ଗିଆ,୨୦।୧୨
(ରାକେଶ କୁମାର ରାଉତ/ବିମଳ ଦିଗାଳ)

**ମ୍ୟାଲେରିଆ ପ୍ରବଣ ବ୍ଲକ ଭାବେ ଫିରିଙ୍ଗିଆ ଚିହ୍ନଟ**



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

କନ୍ଧମାଳ ଜିଲା ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଔଷଧ ବୁଡ଼ା ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁକ୍ରବାର ଶୁଭାରମ୍ଭ ହୋଇଛି। ଡା. ପ୍ରବୋଧ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଫୁଲବାଣୀ ବିଧାୟକ ଉମା ଚରଣ ମଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଜିଲା ପରିଷଦ ସଭ୍ୟ ନୀଳ ଗିରିଶ ଦିଗାଳ, ସଭ୍ୟା ଜୟଶ୍ରୀ କହଁର, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ ପାଢ଼ୀ, ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପାତ୍ର, ଭାଜପା ନେତା ବନ ମହାନ୍ତି, ଅକ୍ଷୟ କଟା, ପ୍ରଶାନ୍ତ କମ୍ପ, ଡା. ସୁମନ୍ତ ମାଝୀ, ସ୍ୱାତୀ ସମ୍ପାଦକ ଇଂ. ହରିଶଙ୍କର ରାଉତ, ଜିଲା ମ୍ୟାଲେରିଆ ନିୟନ୍ତ୍ରଣ ଅଧିକାରୀ କୁମୁଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲାର ଏକ ପ୍ରମୁଖ ମ୍ୟାଲେରିଆ ପ୍ରବଣ ବ୍ଲକ ଭାବରେ ଫିରିଙ୍ଗିଆ ଚିହ୍ନଟ ହୋଇଥିବାରୁ କିଭଳି ମ୍ୟାଲେରିଆ ନିୟନ୍ତ୍ରଣ କରାଯାଇପାରିବ, ଔଷଧ ବୁଡ଼ା ମଶାରିର ବ୍ୟବହାର ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମଶାରି ଟାଣି ଖଟ ପକାଇ ଡେମୋ ଉପସ୍ଥାପନା କରାଯାଇଥିଲା । ଶେଷରେ ଜନସାଧାରଣଙ୍କୁ ଏହି ମଶାରି ବଣ୍ଟନ କରାଯାଇଥିଲା ।

### ୯ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲେ ଏସ୍‌ପି

ପାତ୍ରପୁର, ୨୦।୧୨(ଉମାଚରଣ ନେପାକ)

ବ୍ରହ୍ମପୁର ପୋଲିସ ଜିଲା ଜରଡା ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କ ଉତ୍ତମ କାର୍ଯ୍ୟ, ଉତ୍ସର୍ଗୀକୃତ ସେବା ଏବଂ ସିରିଜ ଚୋରି ଘଟଣା ଫର୍ଦ୍ଦାଫାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଯୋଗୁ ଶୁକ୍ରବାର ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଏସ୍‌ଆଇ ପି. ମାଝୀ, ରଞ୍ଜିତ ମହାପତ୍ର, ଏଏସ୍‌ଆଇ ରବୀନ୍ଦ୍ର ପ୍ରଧାନ, ସିଏଚ୍ ମୁର୍ମୁ, ଗୃହରକ୍ଷୀ କମଳ ସାହୁ, ରଞ୍ଜିତ ରଣା, ଧୀରେନ ପାତ୍ର, କେ.ଗଣେଶ ଓ ଲଳିତ ନାୟକଙ୍କୁ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼.ଏସ୍. ବିବେକ ଏମ୍‌ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ଉପସ୍ଥିତ ଥିଲେ।

# ଇକୋ ରିଟ୍ରିଟ୍‌ରେ ଖୋଲିଲା ଖୁଦ୍ରଦାନା ଶସ୍ୟ ଷ୍ଟଲ

## ପର୍ଯ୍ୟଟକଙ୍କୁ ମିଳିବ ମାଣ୍ଡିଆ, କାଙ୍ଗୁ, କୁଏରିରେ ପ୍ରସ୍ତୁତ ଖାଦ୍ୟ ଓ ଶସ୍ୟ

ଦାରିଙ୍ଗବାଡ଼ି,୨୦।୧୨ (ଅରୁଣ ସାହୁ)



ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନରେ ପର୍ଯ୍ୟଟକଙ୍କୁ ଏବେ ହାତପାହାନ୍ତରେ ମିଳିବ ଖୁଦ୍ରଦାନା ଶସ୍ୟରେ ପ୍ରସ୍ତୁତି ସମସ୍ତ ପ୍ରକାର ଖାଦ୍ୟ। ଏହାକୁ ସରକାରଙ୍କ ଶ୍ରୀଅନ୍ନ ଅଭିଯାନରେ ମିଶନ ଶକ୍ତିର ମହିଳାମାନେ ପ୍ରସ୍ତୁତି କରି ବିକ୍ରି କରିବେ। ଦାରିଙ୍ଗବାଡ଼ିରେ ଇକୋ ରିଟ୍ରିଟ୍ ପରିସରରେ ଶୁକ୍ରବାର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ବେହେରା ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ, ବ୍ଲକ କୃଷି ଅଧିକାରୀ ସୀତାଂଶୁ ମଲିକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିଭାଗ ଓ କୃଷି ବିଭାଗ, ଶ୍ରୀଅନ୍ନ ଅଭିଯାନ ପକ୍ଷରୁ ମିଳିତ ଭାବେ ଏହାକୁ ପରିଚାଳନା କରାଯାଇଛି। ଦାରିଙ୍ଗବାଡ଼ି ଆସୁଥିବା ଓ ଇକୋ ରିଟ୍ରିଟରେ ରାତ୍ରିଯାପନ କରୁଥିବା ପର୍ଯ୍ୟଟକଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା, ମିଠା ସହ ଅନ୍ୟ ଖାଦ୍ୟ ସୁବିଧାରେ ମିଳିପାରିବ। ଏଥିସହ କାଙ୍ଗୁ, କୁଏରିରେ ପ୍ରସ୍ତୁତ ଖାଦ୍ୟ ଓ ଶସ୍ୟ ମିଳିପାରିବ। ଏହା ଦ୍ୱାରା ଖୁଦ୍ରଦାନା ଶସ୍ୟର ବହୁଳ ପ୍ରଚାର ହେବା ସହ ପର୍ଯ୍ୟଟକ ଜୈବିକ ପଦ୍ଧତିରେ କରାଯାଉଥିବା ଏହି ସାମଗ୍ରୀ ପାଇପାରିବେ।

# ଦାଉ ସାଧୁଛି ବର୍ଷା, ଧାନ ଉଜୁଡିବା ଭୟ ଘାରିଲା

ଜଗତ୍‌ସିଂହପୁର ଅଫିସ, ୨୦।୧୨
(ପ୍ରମୋଦ କୁମାର ନାୟକ)


କଟାଯାଇଥିବା ଧାନକୁ ବନ୍ଧାଯାଉଛି।

ଚଳିତ ଖରିଫ ଋତୁରେ ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୮୫,୨୦୦ ହେକ୍ଟର ବିଲରେ ଧାନଚାଷ ହୋଇଛି। ଧାନ ଭଲ ହୋଇଥିବାରୁ ଚାଷୀ ମନରେ ଖୁସି ଭରି ଯାଇଥିଲା। କିନ୍ତୁ ଦାଉ ସାଧୁଛି ଲଘୁଚାପଜନିତ ବର୍ଷା। ଶୁକ୍ରବାର ସକାଳୁ ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ ଝିପିଝିପି ବର୍ଷା ଚାଷୀଙ୍କୁ ବିଚଳିତ କରିଦେଇଥିଲା। ଯେଉଁଠି ଧାନ ନଇଁ ଯାଇଥିଲା, ସେଠାରେ କେତେଜଣ ଚାଷୀ ତରବରିଆ ଭାବେ ଯେତିକି ସମ୍ଭବ କାଟିବାକୁ ଲାଗିଥିଲେ। ଆଉ ଯେଉଁଠି ଧାନ କଟାଯାଇ ବିଲରେ ପଡିଥିଲା, ସେଠାରେ ହଳା ବାନ୍ଧି ଗଦା କରିବା ଦେଖାଯାଇଥିଲା। ଖବର ଲେଖାହେଲା ବେଳକୁ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବା ଜଣାଯାଇଛି। ଏହିପରି ଆଉ ୨୪ ଘଣ୍ଟା ବର୍ଷା ଲାଗି ରହିଲେ ବିଲରୁ ଧାନ ଉଠାଇବା ଚାଷୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଯିବ। କେବଳ ଧାନ ଉଠାଇବା ନୁହେଁ, ଏହା ନଷ୍ଟ ହୋଇଯିବାର ଯଥେଷ୍ଟ ସମ୍ଭାବନା ମଧ୍ୟ ରହିଛି। ଏ ପରିସ୍ଥିତିରେ ଚାଷୀ କ'ଣ କରିବେ ସେନେଇ ଚିନ୍ତାରେ ପଡ଼ିଯାଇଛନ୍ତି।

ଜିଲାରେ କିଛିଦିନ ପୂର୍ବରୁ ଧାନକଟା ଆରମ୍ଭ ହୋଇଛି। ଅନେକେ ନିଜ ସହ ମୂଲିଆ ଲଗାଇ ଧାନ କାଟୁଛନ୍ତି। ଆଉ କେତେକ ସ୍ଥାନରେ ମେଶିନ ସାହାଯ୍ୟରେ ଧାନ କଟା ଚାଲିଛି। ଯେହେତୁ ସମସ୍ତ ବିଲରେ ମାଟି ଭଲ ଭାବେ ଶୁଖିନାହିଁ, ତେଣୁ ମେଶିନ ପଶିପାରୁ ନାହିଁ। ଫଳରେ ଧାନକଟା ବିଳମ୍ବ ହେଉଛି। ସେହିପରି ବିଲରୁ ଧାନ ଆଣିବା ପାଇଁ ମଧ୍ୟ ସବୁ ସ୍ଥାନରେ ଟ୍ରାକ୍ଟର ପଶି ପାରୁନାହିଁ। ଏ ପରିସ୍ଥିତିରେ ଜିଲାରେ ଅତିବେଶିରେ ୧୦ ପ୍ରତିଶତ ବିଲରେ ଧାନକଟା ସମ୍ଭବ ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ନାଉଗାଁ ବ୍ଲକ ଏରଡ଼ା ଗ୍ରାମର ସଞ୍ଜୟ ବିଶ୍ୱାଳ, ଅନ୍ତର୍ଯାମୀ ବିଶ୍ୱାଳ, ସରୋଜ ନାୟକ, ପ୍ରବୀର ଲେଙ୍କା ପ୍ରମୁଖ କହିଛନ୍ତି, ଏଥର ଧାନ ବହୁତ ଭଲ ହୋଇଛି। ଏବେ ଅମଳ ସମୟ ହୋଇଥିବାରୁ ପ୍ରତ୍ୟେକେ ଧାନ କାଟିବା ପାଇଁ ବ୍ୟଗ୍ର ଅଛନ୍ତି। କିନ୍ତୁ ଲଘୁଚାପଜନିତ ବର୍ଷା ସେମାନଙ୍କ ମନରେ ନିରାଶ ଭରି ଦେଇଛି। ଯେଉଁଭଳି ବର୍ଷା ଚାଲିଛି ତାହା ଆଉ ଗୋଟିଏ ଦିନ ଲାଗି ରହିଲେ ଚାଷୀ ମୁଣ୍ଡରେ ଚଡ଼କ ପଡିଯିବ। ଧାନ ବିକିବା ତ ଦୂରର କଥା ବର୍ଷକର ଖାଦ୍ୟ ପାଇଁ ସଂରକ୍ଷଣ କରିବା କଷ୍ଟକର ହୋଇପଡ଼ିବ। ସରକାର ଧାନର କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୧୮୩ରୁ ୨୩୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଥିସହ କ୍ୱିଣ୍ଟାଲ ପ୍ରତି ଇନପୁଟ୍ ରିହାତି ୮୦୦ ଟଙ୍କା ସ୍ଥିର କରିଛନ୍ତି। ଧାନ ଭଲ ହେବା ସହ ସରକାରଙ୍କ ସହଯୋଗ ଚାଷୀ ମହଲରେ ଖୁସି ଭରି ଦେଇଥିବାବେଳେ ଅଦିନିଆ ବର୍ଷା ନିରାଶ କରୁଛି। ସରକାର ଏଫ୍‌ଏକ୍ୟୁ ମାନର ଧାନ ଦେବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରୁଛନ୍ତି। କିନ୍ତୁ ଏବେ ଏହି ମାନର ଧାନ ସଂଗ୍ରହରେ ବାଧା ଉପୁଜିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାରଣ ବିଲରୁ ଚାଷୀ କଷ୍ଟେମଷ୍ଟେ ଯେଉଁ ଧାନ ସଂଗ୍ରହ କରିବ ତାହା ଭଲ ଭାବେ ଶୁଖାଇ ଏଫ୍‌ଏକ୍ୟୁ ମାନର କରିବା ଏତେ ସହଜ କଥା ନୁହେଁ। ଯେହେତୁ ଅନେକ ବିଲରେ ଧାନ ଉଜୁଡିଯିବା ସମ୍ଭାବନା ଅଛି ତେଣୁ ଆଶାଜନକ ଅମଳ ହେଲାଭଳି ଲାଗୁନାହିଁ। ଏ ପରିସ୍ଥିତିରେ ସରକାର ଚାଷୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ ଜିଲାରେ ୧୦୫ଟି ପାକ୍ସ ଓ ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଡବ୍ଲ୍ୟୁଏସ୍‌ଏଚ୍‌ଜି)ଙ୍କ ଜରିଆରେ ୧୧୪ଟି ମଣ୍ଡିରେ ଧାନ କ୍ରୟ କରାଯିବ। ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ ୪୭,୭୩୬ ଜଣ ଚାଷୀଙ୍କ ମଧ୍ୟରୁ ୪୭,୭୨୬ ଜଣ ଚୟନ ହୋଇଛନ୍ତି। ଜଗତ୍‌ସିଂହପୁର ଜିଲାର ୩, ଯାଜପୁର ୧, ବରଗଡ଼ ୮ ଓ ସମ୍ବଲପୁର ଜିଲାର ୨୧ ଏହିପରି ମୋଟ ୩୩ଟି ମିଲର ଧାନ ସଂଗ୍ରହ କରିବେ। ଚଳିତବର୍ଷ ଜିଲାରୁ ୧୫,୨୭,୯୪୧.୧୭ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ବର୍ଷା ଅମଳକୁ ପ୍ରଭାବିତ କରିବା ନେଇ ଆଶଙ୍କା ରହିଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ବିଶ୍ୱଜିତ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ମାଟି ଶୁଖିଲା ଥିବାରୁ ଅଳ୍ପ ବର୍ଷା ବିଶେଷ ପ୍ରଭାବ ପକାଇବ ନାହିଁ। କିନ୍ତୁ ଯଦି ଶୁକ୍ରବାର ରାତି ଓ ଶନିବାର ଦିନ ଭରି ବର୍ଷା ଲାଗିରୁହେ ତେବେ ଅସୁବିଧା ହେବ। ବିଶେଷକରି ଏବେଠାରୁ ବର୍ଷା ରହିଗଲେ ବିପଦ ଟଳିଯିବ। ଦିନେ ଅବା ୨ ଦିନ ଖରା ହୋଇଗଲେ ସବୁ କିଛି ଠିକ ହୋଇଯିବ ବୋଲି ସିଡିଏଓ କହିଛନ୍ତି ।

**ଜଗତ୍‌ସିଂହପୁର ଜିଲା**
- ଓଦା ହୋଇ କଟା ଧାନ ଗଦା କରୁଛନ୍ତି ଚାଷୀ
- ଅନେକ ନିରାଶ ହୋଇ ହାତ ଟେକିଦେଲେ
- ଅଧିକ ବର୍ଷା ହେଲେ ବିପଦ ବଢ଼ିବ

# ମଲ୍ଲିସାହାଡ଼ା ବଡ଼ପୋଖରୀ ଉନ୍ନତୀକରଣରେ ୧୯ ଲକ୍ଷ ହଡ଼ପ

ରାଜକନିକା,୨୦।୧୨(ସଞ୍ଜୟ କୁମାର ଦାଶ)

**ଆଖୁଳିପଡ଼ା ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଦୁର୍ନୀତି ଅଭିଯୋଗ**


ମଲ୍ଲିସାହାଡ଼ା ବଡ଼ପୋଖରୀ ।

ରାଜକନିକା ବ୍ଲକ ଅଧୀନ ଆଖୁଳିପଡ଼ା ପଞ୍ଚାୟତର ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ହୋଇଛି। ମଲ୍ଲିସାହାଡ଼ା କବରସ୍ଥାନ(ଶ୍ମଶାନ) ଆଲୋକୀକରଣ ପାଇଁ ୨ଲକ୍ଷ, ମଲ୍ଲିସାହାଡ଼ା ଆଡିଆସାହି ଏବଂ ନୂଆଗାଁରେ ଲାଇଟ୍ ଲଗାଇବା ବାବଦରେ ବିଲ ଦୁଇ ଦୁଇ ଥରରେ ୬୫ ହଜାର ଲେଖାଏ ୧ଲକ୍ଷ ୩୦ ହଜାର ଟଙ୍କାର ବିଲ ହୋଇଛି। ସେହିପରି ୬।୭।୨୦୨୨ରେ ମଲ୍ଲିସାହାଡ଼ା ବଡ଼ପୋଖରୀ ଉନ୍ନତି କରଣ ଆଳରେ ୫ ଲକ୍ଷ ୨୦ ହଜାର ୪୩୭ ଟଙ୍କା, ଦ୍ୱିତୀୟ ବାର ବିଲରେ ୫ ଲକ୍ଷ ୪୧ ହଜାର ୨୦୦ ଏବଂ ତୃତୀୟ କିସ୍ତିରେ ୨ ଲକ୍ଷ ୫୦ ହଜାର ଟଙ୍କା ବିଲ ହୋଇଥିବା ଅନ୍‌ଲାଇନ ରେକର୍ଡରୁ ଜଣାପଡିଛି। ପୁନଶ୍ଚ ସେହି ପୋଖରୀରେ ମାର୍ଚ୍ଚ ୨୦୨୪ରେ ସାଂସଦ ପାଣ୍ଠିରୁ ୬ ଲକ୍ଷ ଖର୍ଚ୍ଚ ହୋଇଥିବା ଜଣାପଡିଛି। ଗୋଟିଏ ପୋଖରୀ ପାଇଁ ୨ବର୍ଷ ଭିତରେ ଭିନ୍ନ ଭିନ୍ନ ବାବଦରେ ୧୯,୦୧ ୬୩୭ ଟଙ୍କା ସରକାରୀ ଅର୍ଥ ହରିଲୁଟ ହୋଇଥିବା ଗ୍ରାମର ସଚେତନ ଯୁବକମାନେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଦୁର୍ନୀତିର ସୀମା ଟପି ସମସ୍ତ ଉନ୍ନୟନ କାମରେ ହରିଲୁଟ ହୋଇଥିବାବେଳେ, ଗତ ବାତ୍ୟା ସମୟରେ ଆଦୌ ରନ୍ଧାଖାଦ୍ୟ ନ ଦେଇ ବିଲ ହେବା, ଏବେ ଅନୁମୋଦିତ ହୋଇଥିବା ସିଡ଼ିଆର (ସାଇକ୍ଲୋନ ଡ୍ୟାମେଜ ରେଷ୍ଟୋରେଶନ) ବ୍ଲକର ସର୍ବାଧିକ ପରିମାଣର ଅର୍ଥ ଖର୍ଚ୍ଚ ହେବାକୁ ଠିଆ ଯାଇଥିବାରୁ ଅସନ୍ତୋଷ ତୀବ୍ର ହୋଇଛି। ଆଖୁଳିପଡ଼ା ପଞ୍ଚାୟତରେ ଗତ ଦୁଇବର୍ଷ ମଧ୍ୟରେ ହୋଇଥିବା ସମସ୍ତ ପ୍ରକଳ୍ପ ଖର୍ଚ୍ଚର ବିଧିବଦ୍ଧ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ଼ ଦାବି କରାଯିବା ଏବଂ ଜିଲାପାଳ ଏ ସବୁର ତଦନ୍ତ ପାଇଁ ବ୍ଲକ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ମଧ୍ୟ ଦେଇଥିବା ଜଣାପଡ଼ିଛି।

# ଠିକ୍ ଭାଉଚର ଦେଖାଇ ନ ପାରି ଫସିଲେ ପ୍ରଧାନ ଶିକ୍ଷୟିତ୍ରୀ

ରଘୁନାଥପୁର,୨୦।୧୨(ରାଜେନ୍ଦ୍ର ନାରାୟଣ ସିଂହ)

**ବିଇଓଙ୍କ ପକ୍ଷରୁ ଥାନାରେ ଅଭିଯୋଗ**

ତଦନ୍ତ ବେଳେ ଠିକ୍ ଭାଉଚର ଦେଖାଇ ନ ପାରିବା ଯୋଗୁ ରଘୁନାଥପୁର ବ୍ଲକର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଫସି ଯାଇଛନ୍ତି। ସରକାରୀ ଅର୍ଥ ତୋସରପାତ ନେଇ ତାଙ୍କ ନାମରେ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଥାନାରେ ଦେଇଥିବା ପତ୍ର ସଂଖ୍ୟା ନଂ. ୨୪୭୫ କୁ ଅଭିଯୋଗ ଭାବେ ଗ୍ରହଣ କରିବା ପାଇଁ ଥାନା ଆଇଆଇସିଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ଅଭିଭାବକ ମହାସଂଘର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉକ୍ତ ବିଦ୍ୟାଳୟରେ ପିଲାଙ୍କ ମଧ୍ୟାହ୍ନଭୋଜନ ଓ ଅନ୍ୟାନ୍ୟ ସରକାରୀ ଅର୍ଥ ହଡ଼ପ କରିଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଏହାର ତଦନ୍ତ କରିବାକୁ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ଓ ଆକାଉଣ୍ଟାଣ୍ଟ ମହାବୀର ଦାସ ଉକ୍ତ ବିଦ୍ୟାଳୟକୁ ଯାଇ ଏହାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ସେମାନେ କେତେକ ମିଥ୍ୟା ଓ ତ୍ରୁଟିପୂର୍ଣ୍ଣ ଭାଉଚର ଦେଖିବାକୁ ପାଇଥିଲେ।

ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ପରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପତ୍ର ସଂଖ୍ୟା ନଂ. ୧୦୩୦୯ ମୁତାବକ ମଣ୍ଡଳ ଶିକ୍ଷାଧିକାରୀ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। କେତେ ଟଙ୍କା ତୋଷାରପାତ କରାଯାଇଛି ତାହାର ନିର୍ଦ୍ଦିଷ୍ଟ ପରିମାଣ ନ ଥିବା ଏବଂ ଅଡିଟ ରିପୋର୍ଟ ଅଭିଯୋଗ ଫର୍ଦ୍ଦରେ ଦିଆଯାଇ ନ ଥିବାରୁ କେସ୍ ରେଜିଷ୍ଟ୍ରେଶନ ହୋଇପାରି ନାହିଁ ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅବଗତ କରାଯାଇଛି ବୋଲି ଆଇଆଇସି ସେଠୀ କହିଛନ୍ତି। ଅନ୍ୟପକ୍ଷେ ଅଡିଟ କରାଯିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ପତ୍ର ଲେଖାଯିବ ବୋଲି ମଣ୍ଡଳ ଶିକ୍ଷାଧିକାରୀ ସ୍ୱାଇଁ କହିଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ରାଜ


@ ଦୀପକ


@ ଅନନ୍ୟା


@ ବିଶ୍ୱଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶେଷ ପର୍ଯ୍ୟାୟ ଗଣତି: ୧୪ ଲକ୍ଷ ୭୪ ହଜାର ୪୫ ଟଙ୍କା ଆୟ

ରଘୁନାଥପୁର,୨୦।୧୨(ରାଜେନ୍ଦ୍ର ନାରାୟଣ ସିଂହ)

**ଗୋରେଖନାଥ ହୁଣ୍ଡି**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରକେରାସ୍ଥିତ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ହୁଣ୍ଡିରୁ ତୃତୀୟ ଦିବସ ତଥା ଶେଷ ପର୍ଯ୍ୟାୟ ଗଣତି ପରେ ୧୪ ଲକ୍ଷ ୭୪ ହଜାର ୪୫ ଟଙ୍କା ଆୟ ହୋଇଛି। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ଓ ଏଣ୍ଡାଓମେଣ୍ଟ ଇନ୍ସପେକ୍ଟର କଟକ ଶକ୍ତିପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଗଣତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ବ୍ୟାଙ୍କ କର୍ମଚାରୀମାନେ ଏହି ଗଣତିରେ ସାମିଲ ହୋଇଥିଲେ। ପୀଠ କିରାଣି ସରୋଜ କୁମାର ସାହାଣୀଙ୍କ ସହ ସମସ୍ତ କର୍ମଚାରୀ ଏବଂ ପ୍ରମୋଦ କୁମାର ମହାନ୍ତି ଏଥିରେ ସହଯୋଗ କରିଥିଲେ। ତିର୍ତ୍ତୋଲ ଥାନା ପୋଲିସ ଗଣତି ସମୟରେ ଉପସ୍ଥିତି ଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୬ମାସରେ ଗୋରେଖନାଥଙ୍କ ହୁଣ୍ଡି ଖୋଲାଯାଇଥିଲା। ପ୍ରଥମ ଦିନ ୧୧ ଲକ୍ଷ ୩୦ ହଜାର ୫୦୦ ଓ ଦ୍ୱିତୀୟ ଦିନ ୧୨ ଲକ୍ଷ ୩୫ ହଜାର ୮୫୦ଟଙ୍କା ଗଣତି ହୋଇଥିଲା। ଏ ସମସ୍ତ ଟଙ୍କାକୁ ତିର୍ତ୍ତୋଲସ୍ଥିତ ୟୁକୋ ବ୍ୟାଙ୍କରେ ପ୍ରଭୁଙ୍କ ଆକାଉଣ୍ଟରେ ଡିପୋଜିଟ କରାଯାଇଛି।



# ୧୮.୫ ଫୁଟ ଲମ୍ବର ଅଜଗର ଉଦ୍ଧାର

ରାଜନଗର ୨୦।୧୨(ଭାସ୍କର ରାଉତରାୟ)

ଗୁରୁବାର ରାତିରେ ଭିତରକନିକା ଅନ୍ତର୍ଗତ ରଗଡ଼ାପାଟିଆ ଫରେଷ୍ଟ ବ୍ଲକ ସଂଲଗ୍ନ ରାଜେନ୍ଦ୍ର ନାରାୟଣପୁର ଗ୍ରାମ ନିକଟସ୍ଥ ବାଇଶିଘେରୀ ଚାଷ ଜମିରୁ ୧୮.୫ ଫୁଟର ଅଜଗର ଉଦ୍ଧାର କରାଯାଇଛି। ଏହାକୁ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ରଖାଯାଇଛି। ଅଜଗରର ମୁଣ୍ଡରେ ସାମାନ୍ୟ କ୍ଷତ ଥିବାରୁ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶ ଅନୁସାରେ ସାପଟିକୁ ବଡ଼ ଲୁହା ପଞ୍ଜୁରୀ ମଧ୍ୟରେ ରଖାଯାଇ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଅଜଗରଟି ସୁସ୍ଥ ହେବା ପରେ ତାକୁ ପୁଣି ଭିତରକନିକା ଜଙ୍ଗଲ ମଧ୍ୟରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଭିତରକନିକାରେ ଉଦ୍ଧାର ହୋଇଥିବା ସମସ୍ତ ଅଜଗର ମଧ୍ୟରୁ ଏହା ସର୍ବବୃହତ।

# ଚୂନଭାଟି ଆଦିବାସୀ ବସ୍ତିରେ ଉଚ୍ଛେଦ ଆରମ୍ଭ

ଯାଜପୁରରୋଡ଼, ୨୦।୧୨(ପବିତ୍ର ରଞ୍ଜନ ମହାନ୍ତି)

- ଶୀତ, ବର୍ଷାରେ ଯନ୍ତ୍ରଣା ଭୋଗୁଛନ୍ତି ଆଦିବାସୀ ପରିବାର
- ବିଧାନସଭା ଘେରିବାକୁ ୟୁନାଇଟେଡ୍ ଫୋରମର ଚେତାବନୀ


ରେଳବାଇ କର୍ତ୍ତୃପକ୍ଷ ଏବଂ ରେଳ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଉଛି।

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ସ୍ଥିତ ଚୂନଭାଟି ଆଦିବାସୀ ବସ୍ତିକୁ ଶୁକ୍ରବାର ରେଲୱେ କର୍ତ୍ତୃପକ୍ଷ, ରେଲୱେ ପୋଲିସ, ଯାଜପୁରରୋଡ ପୋଲିସ ପ୍ରଶାସନ ଉପସ୍ଥିତିରେ ମେଶିନ ଲଗାଇ ଉଚ୍ଛେଦ କରିଛି। ଘର ଭାଙ୍ଗିଯାଇଥିବାରୁ ସେଠାରେ ରହୁଥିବା ଆଦିବାସୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଉଚ୍ଛେଦ ପୂର୍ବରୁ ବସ୍ତି ବାସିନ୍ଦାମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ଦାବିପତ୍ର ଦେଇ ଆଗ ଥଇଥାନ ପରେ ବିସ୍ଥାପନ କରିବାକୁ ନିବେଦନ କରିଥଲେ। ଏନେଇ ଯାଜପୁର ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏପରିକି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ନିଜେ ଯାଜପୁରରୋଡ୍ ଦେଇ କଳିଙ୍ଗନଗରକୁ ଆସିଥିଲେ ମଧ୍ୟ ଆଦିବାସୀ ବସ୍ତିକୁ ଯାଇ ନ ଥିଲେ କିମ୍ବା ସେମାନଙ୍କ ଦୁଃଖ ବୁଝି ନ ଥିଲେ। ଯେଉଁମାନଙ୍କ ଘରକୁ ଭାଙ୍ଗି ଦିଆଗଲା ସେମାନଙ୍କ ଥଇଥାନ, ଖାଇବା ରହିବା, ଏପରିକି ପଲିଥିନ ଖଣ୍ଡେ ପ୍ରଶାସନ ପକ୍ଷରୁ ଦିଆଯାଇନାହିଁ। ସେମାନେ ଏବେ ବର୍ଷା ସାଙ୍ଗକୁ ହାଡଭଙ୍ଗା ଶୀତରେ ଭୋକ ଉପାସରେ ରହିଛନ୍ତି। ବୃଦ୍ଧାବୃଦ୍ଧ, ଶିଶୁ, ମହିଳାମାନେ ବିକଳ ହୋଇ କାନ୍ଦୁଥିବାବେଳେ କେହି ଶୁଣିବାକୁ ନାହିଁ। ଶୁକ୍ରବାର ୮ ପରିବାରର ଘର ଉଚ୍ଛେଦ ପରେ ଅନ୍ୟମାନଙ୍କ ମଧ୍ୟରେ ଛନକା ପଶିଛି। ଏହି ଉଚ୍ଛେଦକୁ ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ବିରୋଧ କରି ବିଧାନସଭା ଘେରାଉ କରିବ ବୋଲି ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ପ୍ରତାପ ଦାସ ଓ ସହଦେବ ଜେନା ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ ୬୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ବ୍ୟାସନଗର ତହସିଲ ଅଧୀନ ମୁଣ୍ଡମାଳ ମୌଜା ଚୂନଭାଟି ପ୍ଲଟରେ ଓ ପଦ୍ମପୁର, ଦଳା ସମେତ କେତେକ ଅଞ୍ଚଳର ଅନାବାଦୀ ଓ ଝାଟି ଜଙ୍ଗଲ କିସମ ଜମିରେ ଭୂମିହୀନ ଆଦିବାସୀମାନେ ରହି ଆସୁଥିଲେ। ସରକାର ସେମାନଙ୍କୁ ଜମିପଟ୍ଟା କିମ୍ବା ବାସଗୃହ ଦେଇନାହାନ୍ତି। କିନ୍ତୁ ଏହି ଜାଗାରେ ବିଦ୍ୟୁତ୍, ପାଣି, ରାସ୍ତା, ଅଙ୍ଗନୱାଡି କେନ୍ଦ୍ର ଭଳି ବ୍ୟବସ୍ଥା କରାଯାଇଛି। ଏପରିକି ଆଦିବାସୀମାନେ ପୂର୍ବରୁ ଏହି ଜମି ଉପରେ ପାଉତି ମଧ୍ୟ କାଟୁଥିଲେ। ଘର ଗଣନା ଓ ଜନଗଣନା ସହ ରାଶନ କାର୍ଡ ମଧ୍ୟ ଏହି ଠିକଣାରେ ହୋଇଛି। ରେଲୱେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବେଳେ ଏମାନଙ୍କ ବସତିକୁ ଚତୁରତା ସହ ଝୁମ୍ପୁଡି ଦର୍ଶାଯାଇଛି। ହେଲେ ପ୍ରକୃତ ପକ୍ଷେ ବହୁ ପକ୍କା ବାସଗୃହ ବି ଅଛି। ରେଲ ଓଭରବ୍ରିଜ ସହ ଅନ୍ୟ କାର୍ଯ୍ୟ ପାଇଁ ଜମି ଦଖଲ ପାଇଁ ନୋଟିସ କରାଯିବା ପରେ ଆଦିବାସୀ ବସ୍ତିରେ ଆତଙ୍କ ଖେଳିଯାଇଥିଲା। ସେମାନେ ଜିଲା ପ୍ରଶାସନକୁ ଦୁଇମାସ ପୂର୍ବରୁ ଦରଖାସ୍ତ କରି ଆଗେ ଥଇଥାନ ପରେ ବିସ୍ଥାପନ ପାଇଁ ଗୁହାରି କରିଥିଲେ। ମାତ୍ର ପ୍ରଶାସନ ଏଥିରେ ଗୁରୁତ୍ୱ ନ ଦେଇ ଏବେ ଶୀତ ସମୟରେ ଅଚାନକ ଉଚ୍ଛେଦ ପାଇଁ ନୋଟିସ ଜାରି କରିଥିଲା। ଏହାପରେ ଅସନ୍ତୁଷ୍ଟ ଆଦିବାସୀମାନେ ମୂଳନିବାସୀ ୟୁନାଇଟେଡ୍ ଫୋରମ୍ ଜରିଆରେ ମେଳି ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲେ। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରେ, ଉକ୍ତ ଜାଗା ରେଲୱେ ଅଧୀନରେ ଥିବାରୁ ଆମର କୌଣସି ଭୂମିକା ନ ଥିବା ସେ କହିଛନ୍ତି। ଅନ୍ୟପଟେ ଆହୁରି ୩୫ଟି ପରିବାରକୁ ଉଚ୍ଛେଦ କରାଯିବ ବୋଲି ରେଳ ସୁରକ୍ଷା ବଳ ଅଧିକାରୀ ପ୍ରବୀଣ କୁମାର କହିଛନ୍ତି।

# ବ୍ୟାରେଜ ନିର୍ମାଣସ୍ଥଳରୁ ମିଳିଲା ଯୁବକଙ୍କ ମୃତଦେହ

ଝୁମ୍ପୁରୀ/ଦଶରଥପୁର,୨୦।୧୨
(ସରୋଜ ନାୟକ/ସୁଶାନ୍ତ ବେହୁରିଆ)

**ହତ୍ୟା ସନ୍ଦେହ**

ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ କୁଟୁରିଆ ଗ୍ରାମ ସନ୍ନିକଟ ବୈତରଣୀ ଓ କୋଚିଲା ନଦୀ ଉପରେ ନିର୍ମାଣାଧୀନ ବ୍ୟାରଜ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ଉତ୍ତରପ୍ରଦେଶ ରାଜ୍ୟର ଆଶୁ ବୋଲି ଜଣାପଡ଼ିଛି। ଏଠାରେ ବ୍ୟାରେଜ ନିର୍ମାଣ କରୁଥିବା ଠିକା କମ୍ପାନୀରେ ସେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ। ଗୁରୁବାର ରାତିରେ ଆଶୁଙ୍କ ସହ ଅନ୍ୟ ୨ ଯୁବକ କାର୍ଯ୍ୟ ସ୍ଥଳରେ ଥିଲେ। କମ୍ପାନୀ ଟେଣ୍ଟ ଆଡ଼ିରେ ୫ ଫୁଟ ଉଚ୍ଚରେ ଆଶୁଙ୍କ ମୃତଦେହ ଝୁଲୁଥିବା ଦେଖି ଅନ୍ୟ କର୍ମଚାରୀମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ପରେ ତାଙ୍କୁ କମ୍ପାନୀ ଗାଡ଼ିରେ ଯାଜପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ କମ୍ପାନୀ ସୁପରଭାଇଜର ସଞ୍ଜୟ ପଟେଲଙ୍କୁ ପଚାରିବାରେ ଏହା ଏକ ଆତ୍ମହତ୍ୟା ବୋଲି ସେ କହିଛନ୍ତି। କମ୍ପାନୀ ପକ୍ଷରୁ ଦଶରଥପୁର ଥାନା ଖବର ଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଚନ୍ଦନ ସାମଲ, ସୁଜିତ ସାମଲଙ୍କ ସହ ଶତାଧିକ ଗ୍ରାମବାସୀ ଅଭିଯୋଗ କରିବା ସହ ମୃତଯୁବକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ କମ୍ପାନୀର କାମ ବନ୍ଦ କରିଛନ୍ତି।

# ଘୋଷଣା ୩.୫୦ କୋଟି, ଅନୁଦାନ ୨.୪୫ କୋଟି

ନୟାଗଡ଼/ଓଡଗାଁ,୨୦।୧୨ (ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ରୂପାନ୍ତରୀକରଣ ନାମରେ ଲୋକଙ୍କୁ ଭୁଆଁ ବୁଲାଯାଇଥିବା ଅଭିଯୋଗ ହୋଇଛି। ମନ୍ଦିର ରୂପାନ୍ତରୀକରଣ ପାଇଁ ୩କୋଟି ୫୦ ଲକ୍ଷ ଟଙ୍କା ଘୋଷଣା କରାଯାଇଥିବା ବେଳେ ୨କୋଟି ୪୫ ଲକ୍ଷ ଟଙ୍କା ଅନୁଦାନରେ କାମ ଚାଲିଛି। ଅନ୍ୟପକ୍ଷେ ୨କୋଟି ୪୫ ଲକ୍ଷ ଅନୁଦାନରୁ ମନ୍ଦିର ମରାମତି ପାଇଁ ମାତ୍ର ୯ ଲକ୍ଷ ଟଙ୍କା ରହିଛି। ଏତେ ସ୍ୱଳ୍ପ ଟଙ୍କାରେ ମନ୍ଦିର ପୁନରୁଦ୍ଧାର ସମ୍ଭବ ହୋଇ ନ ଥିବାବେଳେ କାର୍ଯ୍ୟରତ ଠିକାଦାର ଏଯାବତ ବି ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟ ଆରମ୍ଭ କରି ନାହାନ୍ତି। ଅନ୍ୟପକ୍ଷେ ରଘୁନାଥ ମନ୍ଦିରର ଛାତରୁ ପାଣି ଗଳୁଥିବାବେଳେ ମନ୍ଦିରର ରୂପାନ୍ତରୀକରଣ ନାଁରେ ବାହାବା ନେବା ପାଇଁ ସାଧାରଣରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳିସ୍ଥଳେ ମୁଖ୍ୟ ମନ୍ଦିରର ରୂପାନ୍ତରୀକରଣ ନିମନ୍ତେ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ସ୍ଥାନୀୟ ବିଧାୟକ, ଜିଲାପାଳ, ଉପଜିଲାପାଳ, ଦେବୋତ୍ତର କମିଶନର ଓ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଲାଗିଥିବା ନୀଳ ରଙ୍ଗର ଏକ ସୂଚନା ଫଳକରେ ଉଲ୍ଲେଖ ରହିଛି ୫ଟି ଯୋଜନା ମାଧ୍ୟମରେ ମନ୍ଦିରର ରୂପାନ୍ତରୀକରଣ ନିମନ୍ତେ ୩ କୋଟି ୫୦ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ପୁଣି

- ■ ଓଡ଼ଗାଁ ରଘୁନାଥ ମନ୍ଦିର ରୂପାନ୍ତରୀକରଣ କାମକୁ ନେଇ ବିବାଦ
- ■ ୯ ଲକ୍ଷ ଟଙ୍କାରେ ମନ୍ଦିର ରୁପାନ୍ତରୀକରଣ କାଠିକର ପାଠ
- ■ ମନ୍ଦିରରୁ ପାଣି ଗଳୁଥିବାବେଳେ ନାହିଁ ପଦକ୍ଷେପ
- ■ କାମ ଶୀଘ୍ର ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଫେରାଦ



ନିର୍ବାଚନୀ ସଭା ସମେତ ସାଧାରଣ ସଭାରେ ଏ ସଂକ୍ରାନ୍ତରେ ବ୍ୟାପକ ପ୍ରଚାର କରାଯାଇଥିଲା। ଏପରିକି ଭୂମି ପୂଜନ ବେଳେ ସ୍ଥାନୀୟ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ଫଳକରେ ଅନୁଦାନ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟନ୍ୟ ଅବଦାନ ବୋଲି ଉଲ୍ଲେଖ ରହିଛି। କିନ୍ତୁ ସୂଚନା ଫଳକ ତଥ୍ୟ ଓ ସଭା ସମିତିର ତଥ୍ୟ ସହ ଉନ୍ନୟନ କାର୍ଯ୍ୟର ଅନୁଦାନକୁ ମିଶାଇଲେ ଭିନ୍ନତା ପରିଲକ୍ଷତ ହେଉଛି। ମନ୍ଦିର ରୁପାନ୍ତରୀକରଣ ନିମନ୍ତେ ଅଦ୍ୟାବଧି ଉଲ୍ଲେଖ ରହିଥିବା ୩ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ବଦଳରେ କେବଳ ୨ କୋଟି ୪୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ପୁଣି ଦାୟିତ୍ୱରେ ଥିବା ଠିକାଦାର ୨ କୋଟି ୪୨ ଲକ୍ଷ ଟଙ୍କାରେ ଏସବୁର ନିର୍ମାଣ କରିବାକୁ ଚୁକ୍ତି କରିଛନ୍ତି। ସେଥିମଧ୍ୟରୁ ମନ୍ଦିର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୯୧ ଲକ୍ଷ, ରାମ ବିହାର ପୁର୍ନ ନିର୍ମାଣ ନିମନ୍ତେ ୯୫ ଲକ୍ଷ, ବିଜୁଳି ଓ ପାଣି ସଂଯୋଗ ବାବଦକୁ ୪୭ ଲକ୍ଷ ଏବଂ ମୁଖ୍ୟ ମନ୍ଦିର ରୁପାନ୍ତିକରଣ ବାବଦକୁ ମାତ୍ର ୯ ଲକ୍ଷ ଟଙ୍କାର ଅନୁଦାନ ରହିଥିବା ପୂର୍ତ୍ତ ବିଭାଗ ସୂତ୍ରରୁ ଜଣାଯାଇଛି। ହେଲେ ମନ୍ଦିର ରୁପାନ୍ତିକରଣ ନାମରେ ୩ କୋଟି ୫୦ ଲକ୍ଷ ଟଙ୍କାର ଡିଣ୍ଡିମ ପିଟା ଯାଉଥିବା ବେଳେ ବାସ୍ତବରେ ପ୍ରଚାର ଓ ଫଳକରେ ଉଲ୍ଲେଖ ଅନୁଦାନ ଠାରୁ ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ କମ୍ ମିଳିଥିବା ସ୍ପଷ୍ଟ ଅନୁମେୟ। ଏପରିସ୍ଥଳେ ଶତାଧିକ ବର୍ଷର ମୁଖ୍ୟ ମନ୍ଦିର ରୁପାନ୍ତରୀକରଣ ନିମନ୍ତେ ଅନେକ କୋଟି ଟଙ୍କାର ଅନୁଦାନକୁ ପ୍ରଚାର ସର୍ବସ୍ୱ କରାଯାଇଥିବା ବେଳେ ମାତ୍ର ୯ ଲକ୍ଷ ଟଙ୍କା ଅନୁଦାନ ସମୁଦ୍ରକୁ ଶଙ୍ଖେ ସୁନ୍ଥ ବୋଲି ଆଲୋଚନା ହେଉଛି। ସେହିଭଳି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ପୁରୁଷାନୁକ୍ରମେ ସେଠାରେ ଦୋକାନ କରିଥିବା ୨୦ ଜଣ ବ୍ୟବସାୟୀଙ୍କୁ ଦୋକାନ ଘର ଦେବାକୁ ଜଣ ପିଛା ୨ ଲକ୍ଷ ଟଙ୍କା ଅଗ୍ରୀମ ଆଦାୟ ହୋଇଛି। ପ୍ରାୟ ୪୦ ଲକ୍ଷ ଟଙ୍କା ଦେବୋତ୍ତର ବିଭାଗ ଆଦାୟ କରିଥିବା ବେଳେ ବ୍ୟବସାୟୀଙ୍କ ନିମନ୍ତେ ଦୋକାନ ଘର ନିର୍ମାଣ କରିବାକୁ ସରକାରୀ ଅନୁଦାନ ୯୧ ଲକ୍ଷ ବ୍ୟୟ କରିବା ନେଇ ସାଧାରଣରେ ସମାଲୋଚନା ଚାଲିଛି।

ଠିକାଦାର ଆଶିଷ କୁମାର ମହାନ୍ତିଙ୍କ ଚୁକ୍ତି ଅନୁସାରେ ୨୬।୧୨।୨୦୨୩ରେ କାର୍ଯ୍ୟାରମ୍ଭ ହୋଇଛି। ୨୫।୬।୨୦୨୪ରେ ରୁପାନ୍ତରୀକରଣ କାର୍ଯ୍ୟ ଶେଷ ହେବାର ରହିଥିଲା। ଅବଧି ଚାଲି ଯାଇଥିବାବେଳେ ଅଦ୍ୟାବଧି କେବଳ ମାର୍କେଟ କମ୍ପ୍ଲେକ୍ସର ୯୦ ଭାଗ କାମ, ରାମ ବିହାରର ୮୦ ଭାଗ କାମ ଶେଷ ହୋଇଛି। ତେବେ ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। କେବଳ ବାହାର ପାଚେରୀର କେତେକାଂଶ ଚୂନ ଛଡାଇ ବାଲି ଗଦା କରି ରଖାଯାଇଛି। ମୁଖ୍ୟ ମନ୍ଦିର ଛାତର ବିଭିନ୍ନ ସ୍ଥାନରୁ ସାମାନ୍ୟ ବର୍ଷାରେ ପାଣି ଗଳୁଥିବା ବେଳେ ଏଥି ପ୍ରତି ଆଦୌ ଧ୍ୟାନ ଦିଆ ଯାଇନାହିଁ। ମାତ୍ର ୪ ମାସ ପରେ ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ସମ୍ଭବତଃ କେବଳ ମନ୍ଦିର ଉପରେ ଚୂନ ମାରି କାମ ଚଳାଇ ନେବାକୁ ସମ୍ଭାବନା ଦେଖାଦେଇଛି। ହେଲେ ମନ୍ଦିର ରୂପାନ୍ତରୀକରଣ ନାମରେ ମୁଖ୍ୟ ମନ୍ଦିର ପ୍ରତି ଅବହେଳାକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସମେତ ସ୍ଥାନୀୟ ସଚେତନ ନାଗରିକ ଓ ପୂଜକ ପରିଷଦ ନାପସନ୍ଦ କରିଛନ୍ତି।

ଏ ସମ୍ପର୍କରେ ଓଡଗାଁ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରା କୁହନ୍ତି, ମନ୍ଦିର ରୂପାନ୍ତରୀକରଣର ଅବଧି ଶେଷ ହୋଇଯାଇଛି। ଠିକାଦାର କାମ ଶେଷ କରି ପାରୁ ନାହାନ୍ତି। ପ୍ରାୟ ୬ମାସ ହେଲା କାମ ଧିମେଇ ଧିମେଇ ଚାଲିଛି। କାମ ଶୀଘ୍ର ଶେଷ କରିବାକୁ ବାରମ୍ବାର ତାଗିଦ କରାଯାଉଥିଲେ ସୁଦ୍ଧା ଠିକାଦାରଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳୁନି। ଏ ନେଇ ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କୁହନ୍ତି, ମନ୍ଦିର ରୂପାନ୍ତରୀକରଣ ଅବଧି ଶେଷ ହୋଇଥିଲେ ସୁଦ୍ଧା ଆମର ଆରାଧ୍ୟ ଠାକୁର ରଘୁନାଥଜୀଉଙ୍କ ମୁଖ୍ୟ ମନ୍ଦିର ରୂପାନ୍ତରୀକରଣ ନ ହେବା ଦୁଃଖର ବିଷୟ। ଏଣୁ ଦାୟିତ୍ୱରେ ଥିବା ଠିକାଦାରଙ୍କୁ କଳା ତାଲିକା ଭୁକ୍ତ କରାଯାଇ ଟେଣ୍ଡର ବାତିଲ କରାଯାଉ। ପୁନଃ ଟେଣ୍ଡର କରି ରୂପାନ୍ତରୀକରଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପଦକ୍ଷେପ ନେବାକୁ ଦାବି ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜ



@ ଦୀପକ



@ ଅନନ୍ୟା



@ ବିଶ୍ୱଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବର୍ଷାରେ ଭିଜୁଛି ପାଚିଲା ଧାନ

### କ୍ଷତି ଆଶଙ୍କାରେ ଚାଷୀ

ଖଣ୍ଡପଡ଼ା,୨୦।୧୨ (ଅଜୟ କୁମାର ମହାରଣା)

ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ଏକର ଜମିରେ ଧାନ କଟା ହୋଇପଡିଛି। ପୁଣି ଜମିରୁ ଧାନକୁ କାଟି ଆଣି ବହୁ ଚାଷୀ ଧାନ ଖଳାରେ ଗଦା କରିଛନ୍ତି। ଧାନକୁ ସୁରକ୍ଷିତ ଭାବେ ଘୋଡାଇ ରଖିବା ପାଇଁ ଚାଷୀମାନଙ୍କ ପାଖରେ ଆବଶ୍ୟକ ପଲିଥିନ ନାହିଁ। ଫଳରେ ଧାନ କଳେଇଗୁଡିକ ବର୍ଷାରେ ଭିଜୁଛି। ବର୍ଷା ଯୋଗୁଁ ପାଚିଲା ଧାନ ନଷ୍ଟ ହୋଇଯିବାର ଆଶଙ୍କା ଥିବାରୁ ଚାଷୀମାନଙ୍କ ମୁଣ୍ଡରେ ଚଡ଼କ ପଡିଛି। ଲଗାଣ ବର୍ଷା ଦାଉ ସାଧୁଛି। ବର୍ଷା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ପରିବାରକୁ ଆନୁସଙ୍ଗିକ ସରକାରୀ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ତଦନ୍ତ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

### ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜେଡିର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ

ନୂଆଗାଁ,୨୦।୧୨(ଧନେଶ୍ୱର ସାହୁ)




କଲେଜ ପରିସରରେ ଆୟୋଜିତ ବିଜେଡିର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ।

ନୟାଗଡ଼ ଜିଲା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବିଜୁ ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୮ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ର ପାଠପଢୁଥିବା ଶିକ୍ଷାନୁଷ୍ଠାନରେ ପଶି ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରିବା ପ୍ରୟାସକୁ ଭାଜପା ନେତା ରାଘବ ମଲିକ ନିନ୍ଦା କରିବା ସହ ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଶୁକ୍ରବାର ନୂଆଗାଁ ଅଞ୍ଚଳବାସୀ ନୟାଗଡ଼ ଉପ-ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ବିଜୁ ଜନତା ଦଳର କର୍ମୀମାନେ ବିଭିନ୍ନ ସ୍ଥାନକୁ ଯାଇ ଦଳ ପାଇଁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଜେଡି ପକ୍ଷରୁ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗୋଟିଏ ଶିକ୍ଷାନୁଷ୍ଠାନରେ ପାଠପଢା ଚାଲିଥିବା ସମୟରେ ଏପରି କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଖବର ପାଇ ଭାଜପା ନେତା ରାଘବ ମଲିକ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ମଲିକଙ୍କ ଅଭିଯୋଗ ପରେ ଘଟଣାର ସତ୍ୟତା ଜାଣିବା ପାଇଁ ଖବରଦାତାମାନେ କଲେଜ ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକଙ୍କୁ ପଚାରିବାରେ କୌଣସି ଦଳୀୟ କାର୍ଯ୍ୟକ୍ରମ ହେଉନି। ୟୁଥ କାର୍ଯ୍ୟକ୍ରମ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମର ଫଟୋ ବିଜେଡି ପକ୍ଷରୁ ସୋସିଆଲ ମିଡ଼ିଆରେ ପୋଷ୍ଟ କରାଯିବାରେ ଅଧ୍ୟକ୍ଷାଙ୍କୁ ଖବରଦାତାମାନେ ତାହା ଦେଖାଇ ପଚାରିବାରୁ ମୋତେ ନ କହି ଦଳୀୟ କାର୍ଯ୍ୟକ୍ରମ କରାଗଲା। ମୁଁ କ'ଣ କରିବି ବୋଲି କହି ଅସହାୟତା ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ନୂଆଗାଁ ଅଞ୍ଚଳବାସୀ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। କଲେଜ ଅଧ୍ୟକ୍ଷା ଦଳୀୟ କାର୍ଯ୍ୟକ୍ରମକୁ ନୀରବ ସମର୍ଥନ କରୁଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ପତ୍ରରେ ଲେଖାଯାଇଛି।

ଅଭିଯୋଗ ବାବଦରେ ଉପଜିଲାପାଳ ସମାଦ୍ଦାରଙ୍କୁ ପଚାରିବାରେ ମୁଁ ଏ ସଂକ୍ରାନ୍ତରେ ଅଭିଯୋଗ ପାଇ ଅଧ୍ୟକ୍ଷାଙ୍କୁ ପଚାରିଥିଲି। କଲେଜ ବାହାରେ କାର୍ଯ୍ୟକ୍ରମ କରାଯାଇଥିବା ସେ କହିଥିଲେ। ତେଣୁ ଏହାର ତଦନ୍ତ କରାଯିବ ବୋଲି ଉପଜିଲାପାଳ କହିଛନ୍ତି। ଏହି ଘଟଣା ବାବଦରେ ନୂଆଗାଁ ବ୍ଲକ ବିଜେଡି ସଭାପତି ସନ୍ୟାସୀ ସାମଲଙ୍କୁ ପଚାରିବାରେ ଅନେକ କଲେଜରେ ଏପରି କାର୍ଯ୍ୟକ୍ରମ ହେଉଛି। ସେଥିରେ କୌଣସି ଅସୁବିଧା ନାହିଁ। ଯାହାର ଇଚ୍ଛା ସଦସ୍ୟତା ଗ୍ରହଣ କରିବେ, ଯାହାର ଇଚ୍ଛା ନାହିଁ ସେମାନେ ନ କରନ୍ତୁ ବୋଲି ସେ ରୋକ୍‌ଠୋକ୍ କହିଛନ୍ତି।

## ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଦଶପଲ୍ଲା,୨୦।୧୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଟାଉନରେ ଥିବା ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ ସହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦିନତମାମ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଖଟେଇ, ଶ୍ୟାମସୁନ୍ଦର ଜାନୀ, ପ୍ରଧାନଶିକ୍ଷକ ଦିଲୀପ କୁମାର ନାୟକ,ଅବସରପ୍ରାପ୍ତ ଡିଆଇ ଗୋପବନ୍ଧୁ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ସାହୁ, ସୂର୍ଯ୍ୟମଣି ସେନ, ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ବିତରଣ କରିଥିଲେ।

## ବୋଦସା ପଞ୍ଚାୟତରେ କୃଷକ ସମ୍ପର୍କ ମେଳା




କୃଷକ ସମ୍ପର୍କ ମେଳାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା କୃଷକ।

ଖଣ୍ଡପଡ଼ା,୨୦।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ ବୋଦସା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋତି ରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କୃଷକ ଯୋଗ ଦେଇଥିଲେ। ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ କୃଷକମାନଙ୍କ ହିତ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଶାଖା ପରିଚାଳକ ସୂଚନା ପ୍ରଦାନ କରିଥିଲେ। ବ୍ୟାଙ୍କ ଶାଖାରୁ ଋଣ ନେଇଥିବା ବ୍ୟକ୍ତିମାନେ ଠିକ୍ ସମୟରେ ଋଣ ପରିଶୋଧ କରି ପୁର୍ନବାର ଋଣ ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ବ୍ୟାଙ୍କ ଶାଖାରୁ ଋଣ ନେଇ ଚାଷବାସ କରି ଲାଭବାନ ହୋଇଥିବା ସ୍ଥାନୀୟ ଅଞ୍ଚଳର ୧୨ ଜଣ ଚାଷୀଙ୍କୁ ଶାଖା ପରିଚାଳକ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଷ୍ଟେଟ୍ ବ୍ୟାଙ୍କ ଖଣ୍ଡପଡା ଶାଖା ଆଖପାଖ ୨୦ କି.ମି ଅଞ୍ଚଳ ମଧ୍ୟରେ ବାସ କରୁଥିବା ଚାଷୀମାନଙ୍କୁ ସଦା ସର୍ବଦା ସହଯୋଗର ହାତ ବଢାଇ ଆସିଥିବା ବେଳେ ଏବେ ବ୍ୟାଙ୍କ ଶାଖାରେ ୬୨ ହଜାର ଗ୍ରାହକ ଥିବା ନେଇ ଶାଖା ପରିଚାଳକ ସୂଚନା ଦେଇଥିଲେ। କୃଷକ ସମ୍ପର୍କ ମେଳାରେ ଉପସ୍ଥିତ ଚାଷୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ରଖିଥିଲେ। ଷ୍ଟେଟବ୍ୟାଙ୍କ ଖଣ୍ଡପଡା ଶାଖାର କ୍ଷେତ୍ର ଅଧିକାରିଣୀ ବି.ସରିତା ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କୋହଲା ପାଗ ସାଙ୍ଗକୁ ଶୀତ, ଜନଜୀବନ ଅସ୍ତବ୍ୟସ୍ତ

ଖଣ୍ଡପଡ଼ା,୨୦।୧୨ (ଅଜୟ କୁମାର ମହାରଣା)

ଗତ ସପ୍ତାହ ହେଲା ଖଣ୍ଡପଡ଼ା ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ଗୁରୁବାର ପବିତ୍ର ମାଣବସଓଷା ରାତିରୁ ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପାଗ ଜନ ଜୀବନକୁ ବେଶ ପ୍ରଭାବିତ କରିଛି। ଅଞ୍ଚଳବାସୀ ଶୀତରେ ଥରୁଥିବା ବେଳେ ଅପରାହ୍ନ ୫ଟା ପରଠାରୁ ରାସ୍ତା ଘାଟ ଜନଶୂନ୍ୟ ହୋଇପଡୁଛି। ରାତିରେ ଘନ କୁହୁଡି ଲାଗି ରହୁଥିବା ବେଳେ ବର୍ଷା ହେବା ପରି ଟପ୍‌ଟପ୍ କାକର ପଡୁଥିବା ପରିଲକ୍ଷିତ ହୋଇଛି। ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଗାଁରେ ଲୋକମାନେ ନିଆଁ ଜାଳି ସେକି ହେଉଥିବା ଦେଖିବାକୁ ମିଳିଛି। ବିଶେଷ କରି ବୟସ୍କ ବ୍ୟକ୍ତିମାନେ ଶୀତ ଯୋଗୁ ଘରୁ ପଦାକୁ ବାହାରିବାକୁ ଡରୁଛନ୍ତି।

## ମଦ ଜବତ, ଜଣେ ଗିରଫ

ଦଶପଲ୍ଲା,୨୦।୧୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ଚୋରା ମଦ ଜତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ସୁରେନ୍ଦ୍ର କହଁର(୫୪)। ସେ ଚୋରା ମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ ତରଫରୁ ବୁଗୁଡ଼ାଠାରୁ ମଦକୁ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଅବକାରୀ କର୍ମଚାରୀମାନେ ୯ ଲିଟର ଚୋରା ମଦ କରିଛନ୍ତି। ସୁରେନ୍ଦ୍ରଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରା କହିଛନ୍ତି।

## ଡିସେମ୍ବର ୩୧ରୁ ଶରଣକୁଳ ଭଣ୍ଡାର ମହୋତ୍ସବ

ଶରଣକୁଳ,୨୦।୧୨ (ଦୀପକ କର)

- ■ ମହୋତ୍ସବ କମିଟି ପୁନର୍ଗଠିତ
- ■ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ଶରଣକୁଳ

ଚଳିତ ବର୍ଷ ଶରଣକୁଳ ଭଣ୍ଡାର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ୧୦ ବର୍ଷରେ ପଦାର୍ପଣ କରିଛି। ଏଥିପାଇଁ ଭଣ୍ଡାର ମହୋତ୍ସବ ପରିଚାଳନା କମିଟି ପୁନଃଗଠିତ କରାଯାଇଛି। ଚଳିତ ବର୍ଷ ମହୋତ୍ସବ କମିଟିର ସଭାପତି ଭାବେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀ, ମାର୍ଗଦର୍ଶକ ଭାବେ ପୁରୀ ଏମ୍‌ପି ଡ଼ ସମ୍ବିତ୍ ପାତ୍ର, ଏବଂ ସମ୍ପାଦକ ଭାବେ ରବିନ୍ଦ୍ର ମହାପାତ୍ର ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ମାଝୀ, ମିନାକ୍ଷୀ ପ୍ରସାଦ ସାହୁ, ସହ ସମ୍ପାଦକ ବଳଭଦ୍ର ସ୍ୱାଇଁ ଏବଂ କୋଷାଧକ୍ଷ ଭାବେ ଜ୍ୟୋର୍ତିମୟ ମହାନ୍ତି ମନୋନୀତ ହୋଇଛନ୍ତି।

ରାଜ୍ୟର ଏକ ପ୍ରମୁଖ ମହୋତ୍ସବ ଭାବେ ଶରଣକୁଳ ଭଣ୍ଡାର ମହୋତ୍ସବ ଦୀର୍ଘ ୯ବର୍ଷ ଧରି ସଫଳତାର ସହିତ ଅନୁଷ୍ଠିତ ହୋଇସାରିଛି। ଚଳିତ ବର୍ଷ ମହୋତ୍ସବ କିପରି ଅଧିକ ଆକର୍ଷଣୀୟ ହେବ ସେଥିପାଇଁ କମିଟି କର୍ମକର୍ତ୍ତା ଅଣ୍ଟାଭିଡ଼ିଛନ୍ତି। ସ୍ଥାନୀୟ କଳା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜିବୀତ ତଥା ବିକାଶ ଦିଗକୁ ଏକ ଉଚ୍ଚ ସୋପାନରେ ରଖିବା ପାଇଁ ଏବଂ ଏକ ନୂତନ ରୂପରେଖା ଦେବାକୁ କମିଟି ପ୍ରୟାସ କରୁଛି। ପ୍ରତିବର୍ଷ ଭଳି ଏଥର ଡିସେମ୍ବର ୩୧ରୁ ଜାନୁଆରୀ ୪ ପର୍ଯ୍ୟନ୍ତ ଶରଣକୁଳ ଲଡୁବାବା ଯାତ୍ରା ପଡ଼ିଆରେ ନିଆରା ରୂପରେ ଆୟୋଜନ ପାଇଁ କମିଟି ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି। ବିଭିନ୍ନ ବିଭାଗର ପରିଚାଳନାକୁ ସୁଚାରୁରୂପେ ସମ୍ପାଦନ ପାଇଁ ବିଭିନ୍ନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଶରଣକୁଳ ଭଣ୍ଡାର ମହୋତ୍ସବକୁ ସ୍ଥାନୀୟ ଜନସାଧାରଣ, କମିଟିର କାର୍ଯ୍ୟକର୍ତ୍ତା, ଜିଲା ପ୍ରଶାସନର ସମ୍ପୂର୍ଣ୍ଣ ସହଯୋଗ ରହିଆସିଛି। ଜିଲା ତଥା ରାଜ୍ୟ ବାହାରୁ ପ୍ରତିଷ୍ଠିତ କଳାକାରମାନେ କିଭଳି ଶରଣକୁଳ ଭଣ୍ଡାର ମହୋତ୍ସବ ମଞ୍ଚରେ କଳା ନୈପୁଣ୍ୟ ପ୍ରଦର୍ଶନ କରିବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ପ୍ରତ୍ୟେକ ବର୍ଷ ଭଳି ଏଥର ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ କଳାକାରଙ୍କୁ ଚୟନ ପାଇଁ ପ୍ରତିଯୋଗୀତା ଆରମ୍ଭ ହୋଇଛି। ପ୍ରତିଯୋଗୀରେ ଭାଗ ନେଇଥିବା କୃତୀ ପ୍ରତିଭାଙ୍କୁ ମଞ୍ଚରେ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମୀନା ବଜାର, ରାମଦୋଳି, ସାଙ୍ଗକୁ ଅଧିକ ଷ୍ଟଲ ଲଗାଇବା ପାଇଁ ଗୁରୁତ୍ୱ ଦିଆଯାଇଛି। ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟଲର ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ମହୋତ୍ସବ ସନ୍ଧ୍ୟାରେ ପ୍ରତିଷ୍ଠିତ ରାଜନେତା, ମନ୍ତ୍ରୀ, ପ୍ରଶାସକ, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସମ୍ପାଦକ ରବିନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

